ଭଦ୍ରକ ଏମ୍‌ସିଏଚ୍‌ରେ ଚିକିତ୍ସାରେ ଅବହେଳା

# ଆସନ୍ନ ପ୍ରସବାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଭଦ୍ରକ,୨୬।୨(ସମିସ)




ଭଦ୍ରକ ଗେଲପୁର ସ୍ଥିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏମ୍‌ସିଏଚ୍ (ମାତୃ ଶିଶୁ ହସ୍ପିଟାଲ)ରେ ଜଣେ ଆସନ୍ନ ପ୍ରସବାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ଦୀର୍ଘ ଘଣ୍ଟାଧରି ଏହି ଏମ୍‌ସିଏଚ୍‌ରେ ସ୍ୱାସ୍ଥ୍ୟସେବା ଅଚଳ ହୋଇପଡିଥିଲା। ମୃତ ମହିଳା ହେଲେ ଆଗରପଡା ଥାନା ଅଣିଜ ବିରିଡି ଗାଁର ଅଭିମନ୍ୟୁ ଘଡ଼େଇଙ୍କ ପତ୍ନୀ ମଞ୍ଜୁରାଣୀ ଘଡ଼େଇ(୨୮)। ଅନ୍ୟପକ୍ଷରେ ଏହି ମୃତ୍ୟୁଘଟଣା ଶୁଣି ଚିକିତ୍ସା ହେବାକୁ ଆସିଥିବା କେତେକ ରୋଗୀ ଡାକ୍ତରଖାନା ଛାଡ଼ି ପଳାଇ ଯାଇଥିଲେ।

ମୃତକଙ୍କ ସ୍ୱାମୀ ଅଭିମନ୍ୟୁଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୫ତାରିଖ ସନ୍ଧ୍ୟା ୬ଟାରେ ମଞ୍ଜୁଲତାଙ୍କ ପ୍ରସବ ଯନ୍ତ୍ରଣା ଯୋଗୁଁ ପରିବାର ଲୋକେ ଆଗରପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଆଗରପଡା ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ କିଛି ସମୟ ଚିକିତ୍ସା କରି ଭଦ୍ରକକୁ ସ୍ଥାନାନ୍ତର କରିଥିଲେ। ପରେ ଭଦ୍ରକ ଏମ୍‌ସିଏଚ୍‌ରେ ମଞ୍ଜୁଲତାଙ୍କୁ ରାତି ପ୍ରାୟ ୧୦ଟାରେ ଭର୍ତ୍ତି କରାଯାଇଥିଲା। ସ୍ତ୍ରୀଙ୍କ ଯନ୍ତ୍ରଣା ଦେଖି ସ୍ୱାମୀ ଅଭିମନ୍ୟୁ ତାଙ୍କର ସିଜରିଆନ୍ କରିବାକୁ ଡାକ୍ତର ଓ ନର୍ସଙ୍କୁ ଅନୁରୋଧ କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନେ ତାଙ୍କୁ ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଥିଲେ। ରାତି ୧୧ଟାରୁ ୨ଟା ପର୍ଯ୍ୟନ୍ତ ରୋଗୀଙ୍କୁ ଚିକିତ୍ସା ନ ଯୋଗାଇ ପକାଇ ରଖିଥିଲେ। ପରେ ରାତି ୨ଟା ବେଳେ ଅପରେସନ ପାଇଁ ତାଙ୍କ ଠାରୁ ଦସ୍ତଖତ ନେଇଥିଲେ। ତେବେ ରାତି ପ୍ରାୟ ୩ଟା ବେଳେ କାର୍ଯ୍ୟରତ ନର୍ସ ତାଙ୍କ ସ୍ତ୍ରୀ ମଞ୍ଜୁଲତା ମୃତ୍ୟୁବରଣ କରିଥିବା କହିଥିଲେ। ତେଣୁ ଚିକିତ୍ସାରେ ସମ୍ପୂର୍ଣ୍ଣ ଅବହେଳା କରାଯିବାରୁ ତାଙ୍କ ସ୍ତ୍ରୀ ମୃତ୍ୟୁବରଣ କରିଥିବା ନେଇ ଅଭିମନ୍ୟୁ ଅଭିଯୋଗ କରିବା ସହ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି । ଏହି ମୃତ୍ୟୁ ଖବର ପାଇବା ପରେ ତାଙ୍କ ପରିବାର ଓ ଗ୍ରାମବାସୀ ଏମ୍‌ସିଏଚ୍ ପରିସରରେ ପହଞ୍ଚି ହଙ୍ଗାମା କରିଥିଲେ। ଖବର ପାଇ ପୁଲିସ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ମେଡିକାଲ ଅଧିକାରୀ ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ହ୍ରାସ ପାଇଥିଲା। ପରେ ମୃତକଙ୍କ ପରିବାର ସହ ଡାକ୍ତରଖନା କର୍ତ୍ତୃପକ୍ଷ, ପୁଲିସ ଆଲୋଚନା କରିଥିଲେ। ଏହି ଆଲୋଚନା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର, ଜିଲ୍ଲା ମେଡିକାଲ ଅଫିସର ତଥା ସୁପରିନ୍‌ଟେଣ୍ଡାଣ୍ଟ ଡାକ୍ତର ସନ୍ତୋଷ କୁମାର ଜେନା, ସିଟି ଡିଏସପି ଅଂଶୁମାନ ଦ୍ୱିବେଦୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ନିଷ୍ପତି ଅନୁଯାୟୀ, ମୃତକଙ୍କ ପରିବାରକୁ ଜିଲ୍ଲାପାଳଙ୍କ ପାଣ୍ଠିରୁ ୨୫ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବା ସହ ସ୍ୱାମୀଙ୍କୁ ଆଗରପଡା ସିଏଚ୍‌ସିରେ ସୁରକ୍ଷା କର୍ମୀଭାବେ ନିଯୁକ୍ତି ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ମୃତକାଙ୍କ ପ୍ରଥମ ଶିଶୁକନ୍ୟାକୁ ୧୮ ବର୍ଷ ଯାଏଁ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ, ମାଗଣା ପାଠପଢ଼ା ସହ ମାସିକ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହି ମୃତ୍ୟୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପାତ୍ର ସୂଚନା ଦେଇଥିଲେ।

## ଇଟାଭାଟି ନିଆଁରେ ଜନଜୀବନ କଲବଲ



**ଆଗରପଡ଼ା,୨୬ ।୨(ସମିସ):** ବନ୍ତ ତହସିଲ ଅଧୀନରେ ଥିବା ଆଗରପଡ଼ା ଓ ତାର ଆଖପାଖ ଅଞ୍ଚଳ ଯଥା-କାଣ୍ଡବା, ମହାନ୍ତିପଡ଼ା, ସାହୁପଡ଼ା, ଗୋପିନାଥପୁର, ଅଣିଜୋ ଆଦି ସାଳନ୍ଦୀ ନଦୀ କୂଳ ଗ୍ରାମର କୋଣ ଅନୁକୋଣରେ ଶହ ଶହ ଇଟାଭାଟି ଜଳୁଥିବାର ଦେଖିବାକୁ ମିଳୁଛି। ଏହି ବେଆଇନ ଇଟାଭାଟି ପୋଡ଼ି ଯୋଗୁ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଇଟାଭାଟିର ଧୂଆଁ ଓ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି। ହେଲେ ପ୍ରଶାସନର ଏଥିପ୍ରତି ନିଘା ନାହିଁ। ତହସିଲଦାର ଓ ତାଙ୍କ କର୍ମଚାରୀ ଏହି ବିଷୟରେ ଅବଗତଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଓ ପରୋକ୍ଷରେ ଇଟାଭାଟି ମାଲିକମାନଙ୍କୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଇଟା ପକାଇବା ପାଇଁ ନିୟମ କାନୁନ ପ୍ରଣୟନ କରାଯାଇଥିଲେ ସୁଦ୍ଧା କେବଳ ହାତଗଣତି ଇଟାଭାଟି ମାଲିକଙ୍କ ଠାରୁ ରାଜସ୍ୱ ଓ ଜରିମାନା ଆଦାୟ କରି ପ୍ରଶାସନିକ ଅଧିକାରୀମାନେ ସେମାନଙ୍କର କର୍ତ୍ତବ୍ୟ ସଂପାଦନ କରୁଛନ୍ତି। ପ୍ରଶାସନ ପକ୍ଷରୁ ଚିମିନି ଭାଟି ଗୁଡ଼ିକୁ ବାର୍ଷିକ ଲିଜ ସୂତ୍ରରେ ଲାଇସେନ୍ସ ପ୍ରଦାନ କରାଯାଉଥିବା ବେଳେ ଏହି ସାଧାରଣ ଇଟାଭାଟି ପାଇଁ କୌଣସି ସୁବିଧା ନାହିଁ। କେବଳ ରାଜସ୍ୱ ଓ ଫାଇନ ଆଦାୟ ବ୍ୟବସ୍ଥାରେ ପୋଡ଼ା ଚାଲିଛି ଶହ ଶହ ଇଟାଭାଟି। ଏହି ଫାଇନ ବ୍ୟବସ୍ଥା ପୁଣି କେତେକ ହାତଗଣତି ମାଲିକଙ୍କ କ୍ଷେତ୍ରରେ ଲାଗୁ ହୋଇଥିବା ବେଳେ ଅନେକ ଇଟା ମାଫିଆମାନେ ଲକ୍ଷ ଲକ୍ଷ ଇଟା ପୋଡ଼ି ଚାଲିଥିଲେ ମଧ୍ୟ ଇଟାମାଫିଆ ଓ କିଛି ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତାହା ସରକାରୀ ରେକର୍ଡ ଭୁକ୍ତ ହେଉନଥିବା ଅଭିଯୋଗ ହେଉଛି। ଯାହା ଫଳରେ କିଛି ପ୍ରଶାସନିକ ଅଧିକାରୀ ଓ ଇଟା ମାଫିଆମାନେ ଏହି ବ୍ୟବସ୍ଥାକୁ ଅପଣାଇ ମାଲେମାଲ ହେଉଥିବାର ଚର୍ଚ୍ଚା ହେଉଛି। ଅପର ପକ୍ଷରେ ବର୍ତ୍ତମାନ ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନାରେ ଅନେକ ନୂତନ ଗୃହ ନିର୍ମାଣ ଚାଲିଥିବା ଯୋଗୁଁ ବହୁଳ ଭାବରେ ଇଟାର ଆବଶ୍ୟକତା ଦେଖା ଦେଇଛି। ଯାହାର ଫାଇଦା ନେଉଛନ୍ତି ଇଟା ମାଫିଆମାନେ। ସାଧାରଣ ବିପିଏଲ ଉପଭୋକ୍ତା କିମ୍ବା ଆବାସ ଓ ପକ୍କାଘର ହିତାଧିକାରୀମାନେ ବେଆଇନ ଇଟାଭାଟି ପୋଡ଼ିବା ପାଇଁ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଫାଇନ ବ୍ୟବସ୍ଥା ଓ କାର୍ଯ୍ୟାନୁଷ୍ଠାନ ଭୟରେ ପଛଘୁଞ୍ଚା ଦେଉଥିବା ବେଳେ ଇଟାଭାଟି ମାଫିଆମାନେ ପ୍ରଶାସନିକ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରି ଜନବସତି ମଧ୍ୟରେ ଇଟାଭାଟି ପୋଡ଼ି ଚାଲିଛନ୍ତ। ତେଣୁ ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ମାଟ୍ରିକ ପରୀକ୍ଷା କେନ୍ଦ୍ରରେ କପି ନେଇ ଉତ୍ତେଜନା

## ପରୀକ୍ଷାର୍ଥୀଙ୍କୁ କପି ଯୋଗାଇ ପିଅନ ନିଲମ୍ବିତ



**ଭଦ୍ରକ,୨୬।୨(ସମିସ):** ଭଦ୍ରକ ବ୍ଲକ ଅଧିନ ଭଦ୍ରକାଳୀ ସରକାରୀ ଉଚ୍ଚ ବିଦ୍ୟାଳୟ ପିଅନ କପି ଯୋଗାଉଥିବାକୁ ନେଇ ସ୍କୁଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରୀକ୍ଷାର୍ଥୀ ଓ ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇ ଦେଇଥିଲେ। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଓ ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଇଥିଲେ। ପରେ ପିଅନ ଚିତ୍ତରଞ୍ଜନ ବେହେରାଙ୍କୁ ଗ୍ରାମାଞ୍ଚଳ ପୁଲିସ ଥାନାକୁ ନେଇ ଅଟକ ରଖି ପଚାରାଉଚୁରା କରୁଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବେହେରାଙ୍କୁ ନିଲମ୍ବିତ କରିଛନ୍ତି। ପ୍ରକାଶ ଯୋଗ୍ୟ, ଏହି ପିଅନ ଜଣଙ୍କ ନିର୍ଦ୍ଦିଷ୍ଟ କିଛି ପରୀକ୍ଷାର୍ଥୀଙ୍କୁ ଗଣିତ ପରୀକ୍ଷାରେ କପି ଯୋଗାଉଥିବାର ଅନ୍ୟ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ପରୀକ୍ଷା ସରିବା ପରେ ପରୀକ୍ଷାର୍ଥୀ ଓ ସ୍ଥାନୀୟ ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇ ପାଟିତୁଣ୍ଡ କରିଥିଲେ। ଚଳିତ ମାଟ୍ରିକ ପରୀକ୍ଷାର ଏତେ କଟକଣା ସତ୍ତ୍ୱେ ଜଣେ ପିଅନ କିପରି ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀଙ୍କୁ ଯୋଗାଉଥିଲା ଏନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ କୁହନ୍ତି, ଅଭିଯୋଗ କ୍ରମେ ସଂପୃକ୍ତ ପିଅନକୁ ନିଲମ୍ବିତ କରାଯାଇଛ। ଅଭିଯୋଗର ସମ୍ପୂର୍ଣ୍ଣ ତଦନ୍ତ ପରେ କଡ଼ା କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ।

## ମିଶନ ଶକ୍ତି ଗୃହ ଓ କାଫେ ଉଦ୍‌ଘାଟିତ



**ତିହିଡି,୨୬ ।୨(ସମିସ):** ତିହିଡି ବ୍ଲକ ପରିସରରେ ସୋମବାର ମିଶନ ଶକ୍ତି ଗୃହ ଓ କାଫେ ଉଦଘାଟିତ ହୋଇଯାଇଛି । ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟପକ୍ଷେ ବ୍ଲକରେ ମିଶନ ଶକ୍ତି ଗୃହ ନଥିବା କାରଣରୁ ମିଶନ ଶକ୍ତି ମହିଳା ମାନେ ଅସୁବିଧା ଭୋଗ କରୁଥିଲେ। ତେଣୁ ଏହି ନୂତନ ଗୃହ ସେମାନଙ୍କ କାମରେ ଲାଗିବ ବୋଲି ବିଧାୟକ ଶ୍ରୀ ରାଉତରାୟ କହିଥିଲେ। ସମ୍ମାନୀତ ଅତିଥି ଭାବେ ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ସାହୁ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଉପାଧକ୍ଷା ସୁଭଦ୍ରା ଶତପଥି, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସୁମତି ସେଠୀ, ସମିତିସଭ୍ୟ ଚିନ୍ତାମଣି ଦାସ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ସମିତିସଭ୍ୟ ତିଳୋତ୍ତମା ବେହେରା, ଚିନ୍ତାମଣି ଦାସ, ନକୁଳ ବାରିକ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, କୀର୍ତ୍ତନ ରାଉତ, ବୈକୁଣ୍ଠନାଥ ପାଣି, ରଘୁନାଥ ପଣ୍ଡା, କମଳାକାନ୍ତ ଲେଙ୍କା, ଉମାକାନ୍ତ ସେଠୀ, ଛନ୍ଦାଚରଣ ନାୟକ, ଶରତ ଦାସ, ଲକ୍ଷ୍ମୀପ୍ରିୟା ସାମଲ, ଅରୁଣ ବାରିକ, ମହିଳା ମହାସଂଘର ସଭାନେତ୍ରୀ ବାସନ୍ତୀ ରାଉତ, ସଂପାଦିକା କଲ୍ୟାଣୀ ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ମହିଳା ମହାସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଡିଓ ଜ୍ୟୋତିର୍ମୟ କର, ସିଡିପିଓ ସଙ୍ଗୀତା ସିଂ, ବ୍ଲକ ପ୍ରକଳ୍ପ ସଂଯୋଜକ ଶ୍ରୀକାନ୍ତ ଜେନାଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ, ବିପିଏମ୍ ଷ୍ଟାଲିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିପିଏଲ୍‌ଏଫ୍ ସଂଘର ବିଭିନ୍ନ ଦାବିରେ ସମୂହ ଧାରଣା

**ବାସୁଦେବପୁର,୨୬ ।୨(ସମିସ):** ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତସ୍ତରୀୟ କାର୍ଯ୍ୟନିର୍ବାହ କର୍ମୀ (ଜିପିଏଲ୍‌ଏଫ୍)ଙ୍କ ସମୂହ ଧାରଣା ଆରମ୍ଭ ହୋଇଛି। ମିଶନ ଶକ୍ତି ମା'ମାନଙ୍କ ପାଇଁ ସରକାର ପ୍ରଚଳିତ କରିଥିବା ବିଭିନ୍ନ ଯୋଜନାକୁ ସଫଳ କାର୍ଯ୍ୟକାରିତା ଉପରେ ଏମାନଙ୍କ ଭୂମିକା ଗୁରୁତ୍ୱବହନ କରିଆସୁଛି। ତୃଣମୂଳ ସ୍ତରରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ତଥା ଆଞ୍ଚଳିକ ମହାସଂଘରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହିତ ଋଣ ଆଦାନ ପ୍ରଦାନ ଓ ଆସୁଥିବା ବିଭିନ୍ନ ପ୍ରକଳ୍ପକୁ ପରିଚାଳନା ଏମାନେ କରି ଆସୁଛନ୍ତି। ହେଲେ ଜିପିଏଲ୍‌ଏଫ୍‌ର ମହିଳାମାନେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ରହି ଆସିଛନ୍ତି। ତେଣୁ ସେମାନେ ସ୍ଥାୟୀ ନିଯୁକ୍ତି ଦାବିରେ ଆନ୍ଦୋଳନ କରିଥିଲେ। ଯାଦବ ପଡିଆ ନିକଟରେ ଶତାଧିକ କର୍ମୀ ଉପସ୍ଥିତ ରହି ନିଜର ସମସ୍ୟା ଉପସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସଭାନେତ୍ରୀ ଜାନକୀଲତାନାୟକଙ୍କ ସମେତ ସମ୍ପାଦିକା ମମତା ନାୟକ, ବରିଷ୍ଠ କର୍ମକର୍ତ୍ତା ଗୀତାରାଣୀ ମିଶ୍ର, ସ୍ନେହଲତା ପାଢୀ ପ୍ରମୁଖଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

## ଭଣ୍ଡାରିପୋଖରୀରେ ମିଳିତ ଜନଶୁଣାଣି ଶିବିର

**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ,୨୬ ।୨(ସମିସ):** ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଭଣ୍ଡାରିପୋଖରୀ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୫୭ଟି



ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୫୩ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ସୂଚନାଯୋଗ୍ୟ କି ଗତ ୨୪ ତାରିଖରେ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଓ ଧାମନଗର ଗସ୍ତ ସମୟରେ ନଦୀଗାଁ, ଧାମନଗରରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ପାଇଁ ଆବେଦନ କରିଥିବା ୫ ଜଣ ଦିବ୍ୟାଙ୍ଗ ଆବେଦନକାରୀଙ୍କୁ ଏହି ଶିବିରରେ ଜିଲ୍ଲାପାଳ ଜଣକା ୩୦ ହଜାର ଲେଖାଏଁ ସିଏମ୍‌ଆର୍‌ଏଫ୍‌ରୁ ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଥିଲେ ମାର୍କଣ୍ଡ ମଲ୍ଲିକଙ୍କ ପୁଅ ବାବୁଲି ମଲ୍ଲିକ, ପ୍ରହ୍ଲାଦ ଦାସଙ୍କ ପୁଅ ପବନ ଦାସ, ଗଙ୍ଗାଧର ଦାସଙ୍କ ପୁଅ ଚନ୍ଦନ ଦାସ, ଦୁର୍ଯ୍ୟୋଧନ ମୁଦୁଲିଙ୍କ ପୁଅ ପ୍ରଶାନ୍ତ କୁମାର ମୁଦୁଲି, ଦୁର୍ଯ୍ୟୋଧନ ପଣ୍ଡାଙ୍କ ପୁଅ ପଙ୍କଜ ପଣ୍ଡା। ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଭଣ୍ଡାରିପୋଖରୀ ବ୍ଲକ୍ ଅଧକ୍ଷା ସୁମତି ସେଠୀ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ। ବିଡିଓ ଦେବଦତ୍ତ ଦାସ ଓ ତହସିଲଦାର ସରୋଜକାନ୍ତ ନାୟକ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ।

## ଇନ୍‌ଟାକ୍ ଭଦ୍ରକର ବାର୍ଷିକ ଉତ୍ସବ

**ଭଦ୍ରକ,୨୬ ।୨(ସମିସ):** ଇନ୍‌ଟାକ୍ ଭଦ୍ରକ ଶାଖାର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ କୁଆଁସସ୍ଥିତ ନିତ୍ୟାନନ୍ଦ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ପୁଲିସ ମହାନିର୍ଦ୍ଦେଶକ ତଥା ଓଡ଼ିଶା ଶାଖାର ଆବାହକ ଅମିୟ ଭୂଷଣ ତ୍ରିପାଠୀ, ଅବସରପ୍ରାପ୍ତ ଦୂରଦର୍ଶନ ନିର୍ଦ୍ଦେଶକ ବୈକୁଣ୍ଠ ନାଥ ପାଣିଗ୍ରାହୀ ମୁଖ୍ୟଅତିଥି ଓ




ବିଶ୍ୱମ୍ବର ରାଉତଙ୍କୁ ସମ୍ବର୍ଦ୍ଧନା

ସଂସ୍କୃତି ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କନ୍‌ଭେନର ଏସ୍‌ଏମ୍ ଫାରୁକ ଓ ଯୁଗ୍ମ ସହ କନ୍‌ଭେନର ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ହୃଷୀକେଶ ମହାନ୍ତି ଅତିଥି ବୃନ୍ଦଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ପଣ୍ଡିତ ଘନଶ୍ୟାମ ଲେଙ୍କା ବେଦପାଠ କରିଥିଲେ। ଐତିହ୍ୟ ନିଜ ପରିବାରରୁ ଆରମ୍ଭ ହେଲେ ଏହାର ସଂରକ୍ଷଣ ଓ ସୁରକ୍ଷା ସମ୍ଭବ। ତେଣୁ ଭଦ୍ରକର ପୁରାତନ ଭଦ୍ରକାଳୀ ପୀଠ ଓ ଆଖଣ୍ଡଳମଣି ମନ୍ଦିରରର ଐତିହ୍ୟ, ପରମ୍ପରା, ସଂସ୍କୃତିର ସୁରକ୍ଷା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱମ୍ବର ରାଉତଙ୍କ ଦ୍ୱାରା ଷୋଳମପୁର ମାଟିତଳୁ ଓ ବୈତରଣୀ ନଦୀ ଶଯ୍ୟାରୁ ସଂଗୃହୀତ ପ୍ରାଚୀନ ଦେବାଦେବୀମୂର୍ତ୍ତି, ବିଭିନ୍ନ ପ୍ରକାର ମାଟିପାତ୍ରକୁ ସେଠାରେ ସଂଗ୍ରହାଳୟ ସ୍ଥାପନ କରି ରଖିବା ଓ ଷୋଳମପୁରକୁ ଐତିହ୍ୟସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ପ୍ରଚେଷ୍ଟା, ବିଭିନ୍ନ ଶିକ୍ଷାନୁଷ୍ଠାନ ଗଠନ, ଆଧ୍ୟାତ୍ମିକ ଚିନ୍ତନ ପାଇଁ ଭାଗବତଟୁଙ୍ଗୀ ନିର୍ମାଣ କରିଥିବାରୁ ବାର୍ଷିକ ଉତ୍ସବରେ ଉଦ୍‌ଘାଟକଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଭାଗବତ ତ୍ରିପାଠୀ ଐତିହ୍ୟ ସମ୍ପର୍କୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଭଦ୍ରକର ପୁରାତନ ଲୋକକଳା ଦାସ କାଠିଆ ରାହାଞ୍ଜୋ ନିବାସୀ ରବୀନ୍ଦ୍ର ନାଥ ବାରିକ ଓ ସାଥୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଉତ୍ସବର ସୁପରିଚାଳନାରେ ଡ. ଗୋଲାକ ବିହାରୀ ସାହୁ, ଅଜିତ କୁମାର ନାୟକ, ଉଦୟନାଥ ମହାନ୍ତି, ଇଂ. ସୁବାସ ଚନ୍ଦ୍ର ସାହୁ, ବିଜୟ କୁମାର ମହାନ୍ତି, ଅରବିନ୍ଦ ବସନ୍ତରାୟ, ଯୁଧିଷ୍ଠିର ବାରିକ୍, କାଶୀନାଥ ସାହୁ, କୈଳାଶ ଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ବରାଳ, ଶାନ୍ତନୁ ରାଉତ, ମନୋରଞ୍ଜନ ଦାସ, ବିଚିତ୍ରାନନ୍ଦ ମହାନ୍ତି, ଇଂ.ମଧୁସୂଦନ ସାହୁ, ହରେକୃଷ୍ଣ ସାହୁ, ଇଂ. ମନୋହର ହୋସେନ୍ ଖାଁ, ବିଜୟ ସାହୁ, ପ୍ରଭାତ ନଳିନୀ ମହାପାତ୍ର, ଗୀତାରାଣୀ ଆଇଚ, ଏସ୍.କମିଳା, ବସନ୍ତ କୁମାର ଦେ, ରାଜେନ୍ଦ୍ର ପାତ୍ର, ରବୀନ୍ଦ୍ର ମହାନ୍ତି, ବୃନ୍ଦାବନ ରାଉଳ, ବାବୁଲାଲ ଦାସ, ସୁଧାକର ରାଉତ, ପ୍ରଶାନ୍ତ ଦେ, ରତିକାନ୍ତ ମହାନ୍ତି, ଅନାଦି ଚରଣ ଦାସ, ଆଶିଷ କୁମାର ଦେବ ଗୋସ୍ୱାମୀ, ଆଦିତ୍ୟ ଗୋସ୍ୱାମୀ, ଶାନ୍ତିଲତା ନାଗ ପ୍ରମୁଖ ବହୁ ସଦସ୍ୟ ଯୋଗଦାନ କରିଥିଲେ।

## ଅନିତା ରାଉତଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ଭଣ୍ଡାରିପୋଖରୀ,୨୬।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ପାଟୁଳି ସରପଞ୍ଚ ଅନିତା ରାଉତଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣରେ ସହଯୋଗ ସହ ପଞ୍ଚାୟତସ୍ତରରେ ଅନୁକୂଳ ଶୈକ୍ଷିକ ବାତାବରଣ ସୃଷ୍ଟି ସହ ଶିକ୍ଷାପ୍ରତି ନିଷ୍ଠା ଓ ଏକାଗ୍ରତା ଓ ଦୃଢ଼ ନେତୃତ୍ୱ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭଦ୍ରକ କଲେଜ ପଡିଆରେ ରବିବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଓ ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଶ୍ରୀମତୀ ରାଉତଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ।

## ଭଦ୍ରକ ରେଲଷ୍ଟେସନରେ ଉଡ଼ନ୍ତା ପୋଲ ଭିତ୍ତିପ୍ରସ୍ତର ସ୍ଥାପନ



**ଭଦ୍ରକ,୨୬ ।୨(ସମିସ):** ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ଭଦ୍ରକ ରେଲଷ୍ଟେସନ ଡଗରାସାହି (ଏଏଲସିଗେଟ୍‌୧୧୮)ଠାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଭାଗିତାରେ ରେଲୱେ ଫୁଟ୍ ଓଭର ବ୍ରିଜ ବା ଉଡନ୍ତା ପୋଲର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ ହୋଇଛି । ଏଥିସହ ନୂତନ ଷ୍ଟେସନ ବିଲଡିଂ ଗୃହର ଶିଳାନ୍ୟାସ ବି ହୋଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ସମେତ ରେଲୱେ ଏଡିଆରଏମ ପ୍ରମୁଖ ବହୁ ଉଚ୍ଚପଦାଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଅଭିମନ୍ୟୁ ସେଠୀ, ଡିଆର୍‌ୟୁସିସି ମେମ୍ବର ଶିଶିର ମିଶ୍ର ଯୋଗଦେଇଥିଲେ।




DSPL-



ଓଡ଼ିଶା ସରକାର

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୭ ଫେବୃଆରୀ, ୨୦୨୪

ସକାଳ ଘ. ୮. ୩୦ ମିନିଟ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା,
ମାନ୍ୟବର ମନ୍ତ୍ରୀ, ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି,
କ୍ରୀଡ଼ା ଓ ଯୁବସେବା, ଗୃହ, ଓଡ଼ିଶା

ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାଏ,
ମାନ୍ୟବର ବିଧାୟକ, ସତ୍ୟବାଦୀ

ସମ୍ମାନନୀୟ ଅତିଥି: – ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
– କସ୍ତୁରୀ ମହାପାତ୍ର, ସଂପାଦିକା,
ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – ଶ୍ରୀଯୁକ୍ତ କୃପାସିନ୍ଧୁ ମିଶ୍ର,
ଅବସରପ୍ରାପ୍ତ ପ୍ରଶାସକ ତଥା ସଂସ୍କୃତି ଗବେଷକ

ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ଉପରେ ଆଧାରିତ ସାମାଜିକ ନାଟକ "ଏକ ସୁଖଦ ଅନୁଭୂତି" ପରିବେଷଣ ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR- 15001/13/0488/2324

**୨ୟ ଦଫାରେ ଆମ ହସ୍ପିଟାଲ ଯୋଜନା**

# ଭଦ୍ରକ ଜିଲ୍ଲାରୁ ୪ଟି ସିଏଚ୍‌ସି ଲୋକାର୍ପଣ








**ଧାମନଗର/ଭଣ୍ଡାରୀପୋଖରୀ/ମଞ୍ଜୁରୀରୋଡ୍/ବାସୁଦେବପୁର/ଚାନ୍ଦବାଲି, ୨୬ ।୨(ସମିସ)**

ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମରେ ରୂପାନ୍ତରଣ ଆମ ହସ୍‌ପିଟାଲର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଆଭାସୀ ଜରିଆରେ ସୋମବାର ଅପରାହ୍ନରେ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୨ୟ ଦଫାରେ ଓଡ଼ିଶାର ୧୫ଟି ଜିଲ୍ଲାର ସମୁଦାୟ ୬୭ ହସ୍‌ପିଟାଲ ମଧ୍ୟରେ ଭଦ୍ରକର ୪ଟି ସିଏଚ୍‌ସିର ଲୋକାର୍ପଣ କରାଯାଇଛି। ଏଥିପାଇଁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ମେଳନ ପଡ଼ିଆରେ ଭଦ୍ରକ ଜିଲ୍ଲାସ୍ତରୀୟ ଲୋକାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡ଼ୁ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲାପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ୍ ଏବଂ ସାରଦା ପ୍ରଶନ୍ନ ସାହୁ, ସିଡିଏମ୍‌ଓ ଡା. ସନ୍ତୋଷ କୁମାର ପାତ୍ର, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସ, ଧାମନଗର ସିଏଚ୍‌ସି ସୁପରିନ୍‌ଟେଣ୍ଡେଣ୍ଟ ଡାକ୍ତର ମନ୍ମୟ କୁମାର ସାମନ୍ତସିଂହାର ପ୍ରମୁଖ ଆଭାସୀ ଜରିଆରେ ରାଜ୍ୟସ୍ତରୀୟ ଲୋକାର୍ପଣ ଉତ୍ସବ ସହିତ ଯୋଡ଼ି ହୋଇଥିଲେ। ପୂର୍ବତନବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଆଭାସୀ ଜରିଆରେ ଭଦ୍ରକ ଜିଲ୍ଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ରୂପାନ୍ତରିତ ହସ୍‌ପିଟାଲ ଗୁଡ଼ିକ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ନିରନ୍ତର କାର୍ଯ୍ୟକରିବ। ଓଡ଼ିଶା ସରକାର ସଦା ସର୍ବଦା ସ୍ୱାସ୍ଥ୍ୟସେବା ଉପରେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ରୋଗୀମାନଙ୍କୁ ସ୍ୱାସ୍ଥ୍ୟକ୍ଷେତ୍ରରେ ମୌଳିକ ସୁବିଧା ଓ ଉନ୍ନତମାନର ଚିକିତ୍ସାସେବା ପ୍ରଦାନ କରି ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ଗଠନ କରିବା ଆମ ହସ୍‌ପିଟାଲ ଯୋଜନାର ମୁଖ୍ୟ ଆଭିମୁଖ୍ୟ ଏହି ଆଭିମୁଖ୍ୟ ସଫଳ ହେଲେ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ପୂରଣ ହେବ ବୋଲି ଏହି କାର୍ଯ୍ୟକ୍ରମରେ ପ୍ରକାଶ କରାଯାଇଥିଲା। ଭଣ୍ଡାରିପୋଖରୀରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧକ୍ଷା ସୁମତି ସେଠୀ, ଉପାଧକ୍ଷ ପ୍ରଣୀତକାନ୍ତି ସାମଲ, ବିଡିଓ ଦେବଦତ୍ତ ଦାସ, ଡାକ୍ତର ସରୋଜ କୁମାର ରାଉଳ, ଡା. ସୁଧାଂଶୁ ବେହେରା, ରଶ୍ମିରେଖା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲାର ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ ପାଇଁ ସମୁଦାୟ ୧୨୫୦ କୋଟି ୭୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏଥି ମଧ୍ୟରେ ବାସୁଦେବପୁର ସିଏଚ୍‌ସି ପାଇଁ ସମୁଦାୟ ୩୧୨ କୋଟି ୯ ଲକ୍ଷ, ଭଣ୍ଡାରିପୋଖରୀ ସିଏଚ୍‌ସି ପାଇଁ ୩୧୩ କୋଟି ୬୯ ଲକ୍ଷ, ଚାନ୍ଦବାଲି ସିଏଚ୍‌ସି ପାଇଁ ୩୧୧ କୋଟି ୨ ଲକ୍ଷ, ଧାମନଗର ସିଏଚ୍‌ସି ପାଇଁ ସମୁଦାୟ ୩୧୩ କୋଟି ୯୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା।

ପ୍ରକାଶ ଥାଉକି ରୂପାନ୍ତରଣ ପୂର୍ବରୁ ବାସୁଦେବପୁର ସିଏଚ୍‌ସିର ସର୍ଭିସ୍ ୟୁନିଟ୍ ଗୁଡ଼ିକ ଏଣେ ତେଣେ ଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଆମ ହସ୍‌ପିଟାଲ ଯୋଜନାରେ ରୂପାନ୍ତରଣ ପରେ ରୋଗୀମାନେ ସମସ୍ତ ସେବା ସହଜରେ ପାଇପାରୁଛନ୍ତି। ରୋଗୀମାନଙ୍କ ପଞ୍ଜୀକରଣ କାଉଣ୍ଟର, ଔଷଧ ବିତରଣକେନ୍ଦ୍ର, ରୋଗୀଙ୍କ ପାଇଁ ଅପେକ୍ଷା ଗୃହ, ରୋଗୀଙ୍କ ସହାୟକ ମାନଙ୍କ ପାଇଁ ବିଶ୍ରାମାକକ୍ଷ, ରୋଗୀ ଓ ତାଙ୍କ ସହାୟକ ମାନଙ୍କ ପାଇଁ ସହାୟତା ଡେସ୍କ ଆଦି ସମସ୍ତ ସୁବିଧା ଏହି ଯୋଜନା ଅଧୀନରେ ସହଜରେ ଉପଲବ୍ଧ କରାଯାଇଛି। ଭଣ୍ଡାରିପୋଖରୀ ସିଏଚ୍‌ସି. କୋଠା ୯ କୋଟି ୯୦ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇ ଅନ୍ୟାନ୍ୟ ରୂପାନ୍ତରଣ କାର୍ଯ୍ୟ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାଂଶ ୟୁନିଟ୍ ଆଜବେଷ୍ଟସ୍ ଘରେ ଚାଲୁଥିଲା। ଆମ ହସ୍‌ପିଟାଲ ଯୋଜନାରେ ରୂପାନ୍ତରଣ ପରେ ସମସ୍ତ ସେବା ଛାତଘରେ ଯୋଗାଇ ଦିଆଯାଉଛି। ଭଣ୍ଡାରିପୋଖରୀ ବ୍ଲକର ୨ଟି ନୂଆ ପିଏଚ୍‌ସି. କୋଠା ପାଇଁ ୧୨୫ ଲକ୍ଷ ଟଙ୍କା ଲେଖାଏଁ ଷ୍ଟେଟ୍ ପ୍ଲାନ୍ ୨୩-୨୪ ଅଧୀନରେ ମଞ୍ଜୁର କରାଯାଇଛି। ସେହିପରି ୭ଟି ନୂଆ ସବ୍‌ସେଣ୍ଟର ପାଇଁ ୫୫ ଲକ୍ଷ ଟଙ୍କା ଲେଖାଏଁ ଷ୍ଟଟ୍ ପ୍ଲାନ୍ ୨୩-୨୪ରୁ ଗ୍ରହଣ କରାଯାଇଛି। ଚାନ୍ଦବାଲି ସିଏଚ୍‌ସି ପାଇଁ ସମୁଦାୟ ୩୧୧ କୋଟି ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ନୂଆ ସିଏଚ୍‌ସି କୋଠା ଏକ କୋଟି ୪ ଲକ୍ଷ ଟଙ୍କାରେ ନିର୍ମିତ ହୋଇ ଅନ୍ୟ ରୂପାନ୍ତରଣ କରାଯାଇଛି। ରୋଗୀ ସେବାପାଇଁ ପଞ୍ଜୀକରଣ କାଉଣ୍ଟର ଔଷଧ ବିତରଣ କେନ୍ଦ୍ର, ରୋଗୀଙ୍କ ଅପେକ୍ଷାଗୃହ, ରୋଗୀଙ୍କ ସହାୟକ ମାନଙ୍କ ପାଇଁ ବିଶ୍ରାମକକ୍ଷ, ସହାୟତା ଡେସ୍କ ଆଦିର ବ୍ୟବସ୍ଥା କରାଯାଇଛି। ଚାନ୍ଦବାଲି ବ୍ଲକର ୨ଟି ନୂଆ ପିଏଚ୍‌ସି କୋଠା ଘର ପାଇଁ ୧୨୫ ଲକ୍ଷ ଟଙ୍କା ଲେଖାଏଁ ୫ଟି ନୂଆ ସବ୍‌ସେଣ୍ଟର ପାଇଁ ୫୫ ଲକ୍ଷ ଟଙ୍କା ଲେଖାଏଁ ଷ୍ଟେଟ୍‌ପ୍ଲାନ୍ ୨୩-୨୪ରୁ ମଞ୍ଜୁର କରାଯାଇଛି। ଧାମନଗର ସିଏଚ୍‌ସିର ରୂପାନ୍ତରଣ ପାଇଁ ସମୁଦାୟ ୩୧୩ କୋଟି ୯୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ନୂଆ ସିଏଚ୍‌ସି କୋଠା ପାଇଁ ୧୨ ଲକ୍ଷ ଟଙ୍କା, ଗୋଟିଏ ନୂଆ ପିଏଚ୍‌ସି କୋଠା ପାଇଁ ୧୨୫ ଲକ୍ଷ, ଧାମନଗର ବ୍ଲକର ୬ଟି ନୂଆ ସବସେଣ୍ଟର ପାଇଁ ୫୫ ଲକ୍ଷ ଟଙ୍କା ଲେଖାଏଁ ଷ୍ଟେଟ୍‌ପ୍ଲାନ୍ ୨୩-୨୪ରୁ ମଞ୍ଜୁର କରାଯାଇଛି।

---

**● ଧାମନଗରବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ**

## ମଲ୍ଲିମାହାରରେ ଫୁଟ୍ ଓଭରବ୍ରିଜ କାମ ଆରମ୍ଭ

**ଦୋବଲ, ୨୬।୨(ସମିସ):** ପୂରଣ ହେବାକୁ ଯାଉଛି ଦୀର୍ଘ ଦିନର ଦାବି। ମଲ୍ଲିମାହାରାରେ ହେବାକୁ ଯାଉଛି ଫୁଟ ଓଭରବ୍ରିଜ୍। ଯାହାଫଳରେ ଦୀର୍ଘ ବର୍ଷ ଧରି ବନ୍ୟା ଯନ୍ତ୍ରଣା ଭୋଗୁଥିବା ଲୋକେ, ବନ୍ୟାବେଳେ ଗୃହବନ୍ଦୀ ହେଉଥିବା ଲୋକେ ବାହାର ଦୁନିଆ ସହ ଯୋଡ଼ି ହୋଇପାରିବେ। ସ୍ୱାସ୍ଥ୍ୟସେବା ପାଇପାରିବେ। ବିଛିନ୍ନ ହୋଇ ରହିବାର ଅଭିଶାପରୁ ମୁକୁଳିପାରିବେ। ଗତ ଦୁଇ ଦିନ ତଳେ ଭଦ୍ରକ ଗସ୍ତରେ ଆସିଥିବା '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ମଲ୍ଲିମାହାରାଠାରେ ଫୁଟ ଓଭରବ୍ରିଜର କାମ ସମୀକ୍ଷା କରିଛନ୍ତି।



ବୈତରଣୀ ନଦୀବନ୍ଧର ଉଡେଇପୁରରେ ଥିବା ମଲ୍ଲିମାହାରା ଏସକେପ୍ ଯୋଗେ ବନ୍ୟାଜଳ ପ୍ରବାହିତ ହୋଇଥାଏ। ଅତ୍ୟଧିକ ବନ୍ୟାଜଳକୁ ଚାଷ ଜମିକୁ ମଡ଼ାଇବା ଓ ଯାଜପୁର ସହରକୁ ବନ୍ୟା ପ୍ରଭାବରୁ ରୋକିବା ଲାଗି ଏହି ମଲ୍ଲିମାହାରା ଏସକେପ୍ କରାଯାଇଥିଲା। ବର୍ଷା ଋତୁରେ ବନ୍ୟା ଆସିଲେ ବୈତରଣୀରୁ ବନ୍ୟାଜଳ ଏହିବାଟେ ଧାମନଗର ଅଞ୍ଚଳକୁ ପଶିଥାଏ। ଆନନ୍ଦପୁରର ନଡ଼ିଆବାଗ, ଉଡେଇପୁର, ବାଲିପାଟଣା, ଖଡ଼ିପଦା ପଞ୍ଚାୟତର ମୁଥାନଗର, ବୈକୁଣ୍ଠି, ବାଜିଣିପୁର, ଦକ୍ଷିଣ କାଞ୍ଜିଆପାଳ, କରସାହି, ସୋହଡ଼ାର ବେଦପୁର, ଷେଣ୍ଡପୁର ଓ କଣ୍ଟାପାରୀ ଆଦି ଗାଁ ଜଳମଗ୍ନ ହୋଇଥାଏ। ଫଳରେ ଶହ ଶହ ଲୋକ ଜଳବନ୍ଦୀ ହୋଇ ରହିଥାନ୍ତି। ବନ୍ୟା ଛାଡ଼ିବା ଯାଏ ଲୋକମାନେ ଘର ଭିତରେ ଅଟକି ରହିଥାନ୍ତି। ଏପରିକି ରୋଗ ବୈରାଗ ହେଲେ ଭଗବାନ ଭରସାରେ ରହିଯାଆନ୍ତି। ବିଶେଷ କରି ଆନନ୍ଦପୁର ପଞ୍ଚାୟତର ଦୁଇଟି ପଡ଼ୋଶୀ ଗାଁ ନଡ଼ିଆବାଗ ଓ ଉଡେଇପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଉଡେଇପୁର, ମାନଲାପୁର ଗାଁର କଲେଜ ଛାତ୍ରଛାତ୍ରୀ ସ୍କୁଲ କଲେଜ ଯାଇପାରନ୍ତି ନାହିଁ। କଣ୍ଟାପାରୀ ଡାକଘର ମାଧ୍ୟମରେ ଆନନ୍ଦପୁରରୁ ଯାଉଥିବା ଡାକ ବି ବନ୍ଦ ରହେ। ସେ ସ୍ପିଡ୍ ପୋଷ୍ଟ ହେଉ କି ଜମାଖାତା ନବୀକରଣ ସବୁକିଛି ଠପ୍ ହୋଇଯାଏ ଏହି ବନ୍ୟା ସମୟରେ। ଏଭଳି ଏକ ଅଭିଶାପରୁ ରକ୍ଷା ପାଇବା ଲାଗି ପ୍ରଭାବିତ ଗାଁର ଲୋକେ ବାରମ୍ବାର ସରକାରଙ୍କଠାରେ ଦାବି କରି ଆସୁଥିଲେ। ଏପରିକି ବିଭିନ୍ନ ସମୟରେ ସ୍ଥାନୀୟ ବିଧାୟକ ବିଧାନସଭାରେ ଏ ପ୍ରସଙ୍ଗ ଉଠାଇଛନ୍ତି। ଗତବର୍ଷ '୫-ଟି' ଅଧକ୍ଷଙ୍କ ଦୁଇ ଦୁଇଥର ଧାମନଗର ଗସ୍ତ କ ସମୟରେ ଧାମନଗରର ବିଜେଡି ନେତୃତ୍ୱ ଏ ପ୍ରସଙ୍ଗରେ ଦାବି ରଖିଥିଲେ। ସେହିପରି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମଧ୍ୟ ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍‌କେପ୍ ଉପରେ ଫୁଟ୍ ବ୍ରିଜ୍ ବା ପାଦଚଲା ପୋଲ କରିବା ଲାଗି ଉଦ୍ୟମ କରିଥିଲେ। ଲୋକଙ୍କ ବାରମ୍ବାର ଦାବିକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏଠାରେ ଫୁଟ୍ ଓଭର ବ୍ରିଜ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଗତ ବର୍ଷରେ ଟେଣ୍ଡର ଡକାଯିବା ପରେ ଏବେ କାମ ଆରମ୍ଭ ହେବାକୁ ଯାଉଛି। '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଧାମନଗର ଗସ୍ତରେ ଆସି ବନ୍ୟାଞ୍ଚଳ ଓ ନଦୀବନ୍ଧ ବୁଲି ଦେଖିବାବେଳେ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଓଭରବ୍ରିଜ ନିର୍ମାଣ ଲାଗି ୩ କୋଟି ୫୨ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି। ୨୦୨୫ ଜୁନ୍ ସୁଦ୍ଧା କାମ ସରିବା ଲାଗି ସ୍ଥିର ହୋଇଛି।

---

## ବ୍ୟାଗ ସହିତ ଟଙ୍କା ପ୍ରଦାନ

**ମଞ୍ଜୁରୀରୋଡ୍, ୨୬।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଝୋଟ ବ୍ୟାଗ ସହିତ ପ୍ରତ୍ୟକ କାର୍ଡଧାରୀଙ୍କୁ ୧୦୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ରଣଜିତ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ସୁଜାତା ସାହୁଙ୍କ ଉପସ୍ଥିତିରେ ଜିଆରଏସ ହିମାଦ୍ରୀ ନନ୍ଦିନୀ ନାୟକ ହିତାଧିକାରୀମାନଙ୍କୁ ବ୍ୟାଗ ଓ ଟଙ୍କା ପ୍ରଦାନ କରିଛନ୍ତି। ସେହିଭଳି ତେସିଙ୍ଗା, ନେରଡ଼ା, ନାଆମୀ, ରାଜେନ୍ଦ୍ରପୁର, ବିଷ୍ଣୁପୁର, ମାଳଦା, ରହଣିଆ ପ୍ରମୁଖ ପଞ୍ଚାୟତରେ ହିତାଧିକାରୀଙ୍କୁ ସହାୟତା ରାଶି ଯୋଗାଇ ଦିଆଯାଉଛି। ପ୍ରାପ୍ତ ସୂଚନା ଅନୁଯାୟୀ ବ୍ଲକ ଅଞ୍ଚଳର ମୋଟ ୨୭ହଜାର ୧୭୦ ହିତାଧିକାରୀଙ୍କୁ ୨କୋଟି ୭୧ଲକ୍ଷ ୭୦ହଜାର ଟଙ୍କା ଯୋଗାଇ ଦିଆଯିବ।

## ଶତାୟୁ ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ଅସୁରାଳି, ୨୬।୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ପଞ୍ଚାୟତ ତୋରବନ୍ଧିଆ ଗ୍ରାମର ଶତାୟୁ ପୁରୁଷ ଧ୍ରୁବଚରଣ ଖଟୁଆ (୧୦୨)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ସମଗ୍ର ଅସୁରାଳି ଅଞ୍ଚଳର ଶୋକର ଛାୟା ଖେଳି ଯାଇଛି। ସେ ଥିଲେ ଜଣେ ଅତ୍ୟନ୍ତ କର୍ମଠ ବ୍ୟକ୍ତି, ବାର୍ଦ୍ଧକ୍ୟ ବୟସରେ ପଦାର୍ପଣ କଲେ ମଧ୍ୟ ଶେଷ ଯାତ୍ରା ପର୍ଯ୍ୟନ୍ତ ସେ ନିଜର ନିତ୍ୟକର୍ମ ନିଜେ ହିଁ କରି ଆସୁଥିଲେ। ସେ ଜଣେ ସଫଳ ଚାଷୀ ଭାବେ ଆଖପାଖ ଅଞ୍ଚଳରେ ପ୍ରତିଷ୍ଠିତ ଥିଲେ। ସେ ଜଣେ ଖଞ୍ଜଣି ବାଦକ ମଧ୍ୟ ଥିଲେ। ତାଙ୍କ ମୃତ୍ୟୁ ସମୟରେ ତାଙ୍କ ନିକଟରେ ତାଙ୍କ ବଡ଼ ପୁଅ ଶିକ୍ଷାବିତ ଦେବରାଜ ଖଟୁଆ, ସାନପୁଅ ପୁଷ୍ପରାଜ ଖଟୁଆ, ନାତି ସମାଜସେବୀ ପାର୍ଥସାରଥୀ ଖଟୁଆ(ଦିପୁ) ଏବଂ ଅନ୍ୟ ନାତି ମୁନା, ପପୁନ୍, ସିପୁନ୍, ଅଜୟ ଓ ଅମୀୟ ଏବଂ ୪ ଝିଅ, ୫ ନାତୁଣୀ, ୩ ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ନିମିତ୍ତ ତୋରବନ୍ଧିଆ ସ୍ଥିତ ବାସଭବନରେ ଅସୁରାଳି ବଣିକ ସଂଘ ସଭାପତି ସଦାନନ୍ଦ ଦାସ, ଅସୁରାଳି ସରପଞ୍ଚ ପ୍ରତିନିଧି ସୁରଜ୍ ସାହୁ ତଥା ବଣିକ ସଂଘର ସମସ୍ତ କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରି ଗାଁ ମଶାଣିରେ ଶବ ଦାହ ସମ୍ପନ୍ନ କରାଯାଇଥିଲା। କନିଷ୍ଠ ପୁତ୍ର ପୁଷ୍ପରାଜ ଖଟୁଆ ମୁଖାଗ୍ନି ଦେଇଥିଲେ।

---

## ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଗର୍ତ୍ତ

**ମଞ୍ଜୁରୀରୋଡ୍, ୨୬।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ସ୍କୁଲ ଠାରୁ ଜୋରାଗଡ଼ିଆ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହିରାସ୍ତା ଦେଇ ଦୈନିକ ଶହ ଶହ ଲୋକ ଯାତାୟତ କରୁଥିବା ବେଳେ ଅନେକ ଯାନବାହନ ଚଳାଚଳ କରିଥାଏ। ରାସ୍ତାର କଲ୍ୟାଣପୁର ମାଳଦା ନିକଟରେ ଦୀର୍ଘଦିନ ହେବ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁଁ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଥିବା ବେଳେ ରାତି ସମୟରେ ସାଇକେଲ ଓ ମୋଟର ସାଇକଲ ଆରୋହୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପରିକି ଦିନବେଳା ସ୍କୁଲ ଛାତ୍ରଛାତ୍ରୀ ଗର୍ତ୍ତରେ ପଡ଼ି ଆହତ ହେଉଥିବା ଜଣାପଡ଼ିଛି। ଏହାଛଡା ଗାଈଗୋରୁ ମଧ୍ୟ ଗର୍ତ୍ତରେ ପଡ଼ି ଗୁରୁତର ଆହତ ହେଉଥିବା ଜଣାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ ହେବା ଦିନଠାରୁ ଉକ୍ତ ଗର୍ତ୍ତଟି ସୃଷ୍ଟି ହୋଇଛି। ପରବର୍ତ୍ତୀ ସମୟରେ ଏହାର ଅସ୍ଥାୟୀ ମରାମତି ହୋଇଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇ ପାରିନାହିଁ। କଲ୍‌ଭର୍ଟ ସ୍ଥାନଟି ଏବେ ବିରାଟ ଗର୍ତ୍ତରେ ପରିଣତ ହୋଇଛି। ଏହା ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀମାନେ ଦୃଷ୍ଟି ଦେଇ ଗର୍ତ୍ତଟିର ସ୍ଥାୟୀ ମରାମତି କରିବା ପାଇଁ ଦାବି ହୋଇଛି।



## ହରିହାଟ ମେଳା ଉଦ୍‌ଘାଟିତ

**ମଞ୍ଜୁରୀ ରୋଡ଼, ୨୬।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ କୁରାଡ଼ିଆପଦା (ମିଟୁଆଣି) ଜଗନ୍ନାଥ ମନ୍ଦିର ପରିସରରେ ହରିହାଟ ମେଳା ଉଦଘାଟିତ ହୋଇଯାଇଛି। ପବିତ୍ର ଅଗ୍ନିଉତ୍ସବ ଠାରୁ ହରିହାଟ ମେଳା ଶୁଭାରମ୍ଭ ହୋଇଥିବା ବେଳେ ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ସର୍ବ ପୁରାତନ ଉତ୍ସବ ଭାବେ ଅଞ୍ଚଳରେ ବେଶ ଖ୍ୟାତି ଅର୍ଜନ କରିଥିବା ମେଳାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ବୃଦ୍ଧି ପାଇବାରେ ଲାଗିଛି। ଉକ୍ତ ମେଳା ୧୫ଦିନ ଧରି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଅପେରା ପ୍ରଦର୍ଶନ ମେଳାର ମୁଖ୍ୟ ଆକର୍ଷଣ ରହିଛି। ନିକଟ ନେରଡ଼ା ସମେତ ପୁରିପଡ଼ା, ଡାହାଲା, ନେଉଳିଆ, ଆଖୁଆପଦା, ଜଗନ୍ନାଥପ୍ରସାଦ, ବାଲିପୋଖରୀ, ସଂପୋଇ, ଭାଗଡ଼ା, ରାମଚନ୍ଦ୍ରପୁର, ରଣଜିତ ପ୍ରମୁଖ ଗ୍ରାମର ଜନସାଧାରଣଙ୍କ ସମାଗମ ହେଉଛି।



---

**ପାଲ ତଳେ ପକ୍ଷାଘାତରେ ପୀଡ଼ିତଙ୍କ ପରିବାର**

## ଗାଁ ଲୋକଙ୍କ ହାତଟେକାରେ ଚଳୁଛି ସଂସାର

**ବାସୁଦେବପୁର, ୨୬ ।୨(ସମିସ)**

- ପରିବାର ୩ ସଦସ୍ୟ ଶଯ୍ୟାସାୟୀ
- ଦାଉ ସାଜିଛି ରୋଗ ଯନ୍ତ୍ରଣା
- ବଢ଼ିଲା ଝିଅ ଗୋଡ଼ରେ ପଡ଼ିଛି ବେଡ଼ି



ଭଗବାନଙ୍କ ନିଷ୍ଠୁରତା ପାଇଁ ଗୋଟିଏ ପରିବାରର ତିନି ତିନି ଜଣଙ୍କ ଜୀବନ ଶଯ୍ୟାଶାୟୀ ଭାବେ ବିତୁଛି। ପଛକୁ ପଛ ସମସ୍ତେ ଜୀବନ ଯୁଦ୍ଧରେ ଶିକାର ହୋଇ ଅସହାୟ ହୋଇପଡ଼ିଛନ୍ତି। ଗାଁ ଲୋକଙ୍କ ହାତଟେକା ଅର୍ଥରେ ଚଳୁଛି ଏମାନଙ୍କ ତେଲଲୁଣର ସଂସାର। ଏମିତି ଦୁର୍ଦ୍ଦିନ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତ ବେଲସାଉଁଳିଆ ଗ୍ରାମର ମଧୁସୂଦନଙ୍କ ପରିବାର କ୍ଷେତ୍ରରେ।

ପରିବାର କହିଲେ ତିନି ପ୍ରାଣୀ କୁଟୁମ୍ବ। ପକ୍ଷାଘାତରେ ପୀଡ଼ିତ ବାପ ମଧୁସୂଦନଙ୍କ ସହିତ ସ୍ତ୍ରୀ ବାସନ୍ତୀ ଓ ୨୦ ବର୍ଷିୟ ମାନସିକ ଭିନ୍ନକ୍ଷକ ଝିଅ କବିତା। ଗତ ପାଞ୍ଚ ବର୍ଷ ତଳେ ମଧୁସୂଦନଙ୍କ ସ୍ତ୍ରୀ ବାସନ୍ତୀ ଘର ନିକଟରେ କାମ କରୁଥିବା ବେଳେ ଏକ ପଥର ଖଣ୍ଡ ଉପରେ ପଡ଼ି ଯାଇଥିଲେ। ମଧୁସୂଦନ ମାଟି କାମ ସହ ଗାଁ ଗଣ୍ଡା ଲୋକଙ୍କ ଘରେ ମୂଲ ଲାଗି ପରିବାର ଚଳାଇ ଆସୁଥିଲେ। ବାସନ୍ତୀଙ୍କ ବାମ ଗୋଡ ଭାଙ୍ଗି ଯିବା ପରେ ଚିକିତ୍ସା ପାଇଁ ସ୍ୱଳ୍ପ ଅର୍ଥ ବାଧକ ସାଜିଥିଲା। ଅନେକ ସ୍ଥାନକୁ ବାସନ୍ତୀକୁ ନେଇ ଅର୍ଥ ଖର୍ଚ୍ଚ କରି ବିଫଳତା ହେବା ପରେ ପରିବାର ଚିନ୍ତାରେ ମଧୁସୂଦନ ଅଚାନକ ଦିନେ ପକ୍ଷାଘାତର ଶିକାର ହୋଇଥିଲେ। ବାପା ମାଆଙ୍କ ଏପରି ସ୍ଥିତି ପରିବାରର ଏକମାତ୍ର ମାଟ୍ରିକ ପାସ ଝିଅ କବିତା ମୁଣ୍ଡରେ ଚିନ୍ତାର ପାହାଡ ଅଜାଡ଼ି ହୋଇପଡ଼ିଥିଲା। କବିତା ଧୀରେ ଧୀରେ ମାନସିକ ଭାରସାମ୍ୟ ହରାଇବାକୁ ଲାଗିଲା। ଦିନ କେଇଟା ଭିତରେ ବାପା ସମ୍ପୂର୍ଣ୍ଣ ଭାବେ ଶଯ୍ୟାଶାୟୀ ହୋଇ ପଡ଼ିବା ସହିତ ମା' ବାସନ୍ତିଙ୍କ ଗୋଡ ବି ଅଚଳ ହୋଇପଡ଼ିଲା। ଏମିତି ପରିସ୍ଥିତିରେ ଝିଅ କବିତା ମାନସିକ ଭିନ୍ନକ୍ଷକ ହୋଇଯିବାରୁ ନିଜର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇବା ସହିତ ପାଖ ପଡ଼ୋଶୀଙ୍କୁ କାମୁଡିବା, ମାଡ ମାରିବାକୁ ଲାଗିଲା। ଏହି ଘଟଣାରୁ କବିତାକୁ ଦୂରେଇ ରଖିବାକୁ ଯାଇ ଶେଷରେ ପରିବାର ଲୋକ ତାକୁ ବେଡ଼ି ପକାଇଦେଲେ। ଏପରିସ୍ଥିତିରେ ଜମିବାଡି ଶୂନ୍ୟ ମଧୁସୂଦନଙ୍କ ପରିବାର ଅସହାୟ ଭାବେ କାଳାତିପାତ କରିଥିଲେ। ସେମାନଙ୍କ ପରିବାରର ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ସହିତ ଦିନରେ ଦି'ଓଳି ଖାଇବା ପାଇଁ ବି କିଛି ବାକି ନଥିଲା। ଅଧିକାଂଶ ସମୟରେ ଗ୍ରାମବାସୀଙ୍କ ସହାୟତାରେ ଚୁଲି ଜଳି ଆସୁଛି। ସରକାରୀ ସହାୟତା କହିବାକୁ ଗଲେ ମଧୁସୂଦନଙ୍କୁ ମାସିକ ଏକ ଭତ୍ତା ଜରିଆରେ ମିଳୁଛି ମାସିକ ୫୦୦ଶହ ଟଙ୍କା ଆଉ ଏକ ଅନ୍ତୋଦୟ ଯୋଜନାରୁ କେଇ କିଲୋ ଚାଉଳ। ଏହି ତିନି ପ୍ରାଣୀ କୁଟୁମ୍ବ ପାଇଁ ତ ଚିକିତ୍ସା ସ୍ୱପ୍ନ ପାଲଟି ଯାଇଛି। ଏମିତି ସମୟରେ ନିଜର ଏକ ଚାଳ ଛପର ଘର ବି ଜରାଜୀର୍ଣ୍ଣ ଅବସ୍ଥା ମଧ୍ୟ ଦେଇ ପଡ଼ି ରହିଥିବା ବେଳେ ଗାଁ ଲୋକେ ପଲିଥିନ ପକାଇ ରହିବାର ସାହାରା ଦେଇଛନ୍ତି। ଏବେ ଜୀବନ ମରଣ ସ୍ଥିତି ଭିତରେ ପରିବାର ଗତି କରୁଥିବା ବେଳେ ସହାନୁଭୂତି ସଦୃଶ ସରକାରୀ ସ୍ତରରୁ ଘର ଖଣ୍ଡିଏ ଆସିଥିବା ବେଳେ ଏହାକୁ ନିର୍ମାଣ କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି।

---

**● ଚିକିତ୍ସା ସେବାରୁ ବଞ୍ଚିତ ରୋଗୀ**

## ଲକ୍ଷାଧିକ ଟଙ୍କାର ସରଞ୍ଜାମ ଖତ ଖାଉଛି



**ଆଗରପଡ଼ା, ୨୬ ।୨(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ରୋଗୀମାନେ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହି ଡାକ୍ତରଖାନାରେ ସମସ୍ତ ସରଞ୍ଜାମ ଉପଲବ୍ଧ ଥିଲେ ସୁଧା ଏହା କାର୍ଯ୍ୟରେ ଲାଗି ନପାରି ଖତଖାଉଛି। ଦାନ୍ତ ଉପାଡ଼ିବାକୁ ହେଲେ ରୋଗୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ବେସରକାରୀ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ଉକ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ନିଯୁକ୍ତି ପାଇଥିବା ଡାକ୍ତର ଜଣକ ବିଭିନ୍ନ ଆଳ ଦେଖାଇ ରୋଗୀଙ୍କୁ ଉକ୍ତ ସେବାରୁ ବଞ୍ଚିତ କରୁଛନ୍ତି। ଉକ୍ତ ବିଭାଗକୁ ସରକାରଙ୍କ ତରଫରୁ ବର୍ତ୍ତମାନ ବିଭିନ୍ନ ଉପକରଣ ଆସିଥିଲେ ସୁଦ୍ଧା ବିଭାଗୀୟ ଡାକ୍ତର ଏହାକୁ ଗ୍ରହଣ କରୁନଥିବା ଜଣାପଡ଼ିଛି। ସେହିପରି ଫିଜିଓଥେରାପି ପାଇଁ ସମସ୍ତ ସରଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ଥିଲେ ସୁଦ୍ଧା ରୋଗୀ ଉକ୍ତ ସେବା ପାଇବାରୁ ବଞ୍ଚିତ ହେଉନ୍ତି। ଅଧିକାଂଶ ରୋଗୀ ଫିଜିଓଥେରାପିର ସୁବିଧା ବିଷୟରେ ଜାଣି ନଥିବା ପ୍ରକାଶ କରନ୍ତି। ସରକାରଙ୍କ ନିୟମାନୁସାରେ ପ୍ରତିମାସରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ଧ୍ୟାକରଣ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସ୍ଥଳେ କିଛି ମାସ ହେବ ଏହା ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ହେଉଛି। ଯଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରରେ ଓଟିର ସୁବିଧାରୁ ରୋଗୀଙ୍କୁ ବଞ୍ଚିତ କରାଯାଉଛି। ଯଦ୍ୱାରା ଓଟିରେ ଥିବା ଲକ୍ଷାଧିକ ଟଙ୍କାର ସରଞ୍ଜାମ ମଧ୍ୟ ନଷ୍ଟ ହେବାକୁ ଯାଉଛି। ସବୁ ସୁବିଧା ଥାଇ ବିଭିନ୍ନ କାର୍ଯ୍ୟକ୍ରମକୁ କେଉଁ କାରଣରୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଉଛି। ତାହା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ନିଯୁକ୍ତି ପାଇଥିବା ସ୍ଥଳେ ପ୍ରସୂତିଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉନଥିବା ଅଣିଜୋ ପଞ୍ଚାୟତ ଅନ୍ତର୍ଗତ ବିରିଡ଼ିହି ଗ୍ରାମର ଅଭିମନ୍ୟୁ ଘଡେଇ ଅଭିଯୋଗ କରିଛନ୍ତି। ଫଳରେ ଏଠାରେ ତାଙ୍କ ପତ୍ନୀ ଚିକିତ୍ସା ସୁବିଧା ନ ପାଇ ଭଦ୍ରକ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୨୫ ପଞ୍ଚାୟତବାସୀଙ୍କ ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଓ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଅଧିକାଂଶ ପଞ୍ଚାୟତବାସୀମାନେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ତେଣୁ ସରଞ୍ଜାମ ମହଜୁଦ ଥାଇ ରୋଗୀଙ୍କୁ ବିଭିନ୍ନ ଆଳ ଦେଖାଇ ସେଥିରୁ ବଞ୍ଚିତ କରିବାକୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ୪ ସିଏଚ୍‌ସି ଲୋକାର୍ପିତ












**ଯାଜପୁର /ବଡଚଣା, ୨୬ ।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ଣରେ ଆଭାସୀ ମାଧ୍ୟମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୂପାନ୍ତରଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ବଡଚଣା ସିଏଚ୍‌ସି ନିକଟସ୍ଥ ଏକ ଭବ୍ୟ ଲୋକାର୍ପଣ ଉତ୍ସବରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, କୋରାଇ ବିଧାୟକ ଅଶୋକ କୁମାର ବଳ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଭାରପ୍ରାପ୍ତ ଜିଲ୍ଲାପାଳ ଅଶୋକ କୁମାର ବେହୁରିଆ, ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ବଡଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ମଣ୍ଡଳ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର କ୍ଷୀରୋଦ ଚନ୍ଦ୍ର ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା, ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ସାରଦା ପ୍ରସାଦ ଜେନା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବହୁ ଜନ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀ, ମିଶନ ଶକ୍ତି ମା' ମାନେ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

ଆଭାସୀରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ୧୫ ଜିଲ୍ଲାର ମାନ୍ୟବର ମନ୍ତ୍ରୀଗଣ, ସାଂସଦ, ବିଧାୟକ, ଜିଲ୍ଲାପାଳ ଏବଂ ବିଏସକେୱାଇ ହିତାଧିକାରୀମାନେ ଯୋଡି ହୋଇଥିଲେ। ଯାଜପୁର ଜିଲ୍ଲାର ସୋନାଲି ନାଥ ଆମ ହସ୍ପିଟାଲ ରୂପାନ୍ତରଣର ଲାଭବାନ ଉପରେ ନିଜର ଅନୁଭୂତି ବଖାଣିଥିଲେ। ଯାଜପୁର ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଦାନଗଦୀ, ଯାଜପୁର ରୋଡ, ଧର୍ମଶାଳା, ବଡଚଣା ସିଏଚ୍‌ସି କୁ ଲୋକାର୍ପଣ କରିଥିଲେ।

ବ୍ୟାସନଗର: ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଅଧୀନରେ ସାମିଲ କରି ଏହାର ରୂପାନ୍ତରୀକରଣ କାର୍ଯ୍ୟ କରାଯାଇଛି। ସୋମବାର ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦଘାଟନ କରିବା ସହିତ ବ୍ୟାସନଗରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଏହି ହସ୍ପିଟାଲର ରୂପାନ୍ତରୀକରଣ ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଗତବର୍ଷ ଏପ୍ରିଲ ମାସରେ ଏଠାରେ ପହଁଚି ଅନୁଧାନ କରିବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରୂପାନ୍ତରୀକରଣରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ସମସ୍ତ ପୁରୁଣା କବାଟ ପରିବର୍ତ୍ତନ କରାଯାଇ ଅତ୍ୟାଧୁନିକ କବାଟ ଲଗାଯିବା ସହିତ ଟାଇଲ କାମ କରାଯିବା ସହିତ ସମସ୍ତ ମେଡିକାଲ ଛାତର ଗ୍ରେଡିଂ କରାଯିବା ସହିତ ରଙ୍ଗ ଏବଂ ଏକ ପାର୍କିଂ ସେଡ୍ ନିର୍ମାଣ କରାଯାଇଛି। ଏତଦ ଭିନ୍ନ କୌଣସି ମେଡିକାଲ ଯନ୍ତ୍ରପାତି ମିଳିନଥିବା ବେଳେ ପ୍ରତୀକ୍ଷାଳୟ ନିମନ୍ତେ ଚେୟାର, ଆଲମିରା, ସମସ୍ତ ହସ୍ପିଟାଲ ପରିସରରେ ସିସିକ୍ୟାମେରା ଲଗାଯିବା ସହିତ ଟିକଟ ଅଟୋମେସନ ଆଦି ବ୍ୟବସ୍ଥା କରାଯାଇଥିବା ଏବଂ କିଛି ନୂତନ ଡାକ୍ତର ଏଠାରେ ନିଯୁକ୍ତି ଦିଆଯାଇଥିବା ମେଡିକାଲ ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ଉପ ନଗରପାଳ ସୁବାସ ଚନ୍ଦ୍ର ବଳ, ବିଧାୟକ କୋରେଇଙ୍କ ପ୍ରତିନିଧି ଅମୂଲ୍ୟ ନାୟକ, ଜିଲ୍ଲା ବିଜେଡି ସଭାନେତ୍ରୀ ସବିତା ରାଉତ, ଡା. ଗୌରୀ ଶଙ୍କର ଷଡଙ୍ଗୀ, ବିଜେଡି ବାସନଗର ସମ୍ପାଦକ ମହେଶ ଧଳ, ମେଡିକାଲ କର୍ମଚାରୀ, ଡାକ୍ତର ଏବଂ ମିଶନ ଶକ୍ତିର ମହିଳାମାନେ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ସୁକିନ୍ଦା, ୨୬ ।୨ (ସମିସ):** ସୋମବାର ସନ୍ଧ୍ୟାରେ କାଳିଆପାଣି ଥାନା ଅନ୍ତର୍ଗତ ଭାଲୁକିପାତଳା ପାଖ ରେଙ୍ଗାଲି ରାସ୍ତାରେ ଦୁର୍ଘଟଣା ଘଟି ବ୍ରଜକିଶୋର ମହାନ୍ତ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଭାଲୁକିପାତଳା ଗ୍ରାମର ବ୍ରଜକିଶୋର ମହାନ୍ତ ଗ୍ରାମ ପାଖ ରେଙ୍ଗାଲି ରାସ୍ତାରେ ଘରକୁ ଫେରୁଥିବା ସମୟରେ ଜଣେ ବାଇକ ଆରୋହୀ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବ୍ରଜକିଶୋରଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ବ୍ରଜକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ପୁଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ ୨ କନେଷ୍ଟବଳ ନିଲମ୍ବିତ

**ଦଶରଥପୁର, ୨୬।୨ (ସମିସ):** ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ମେଡ଼ିକାଲରୁ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣାରେ ଦଶରଥପୁର ଥାନାରେ କାର୍ଯ୍ୟରତ କନେଷ୍ଟବଳ ପ୍ରଭାତ ରଞ୍ଜନ ପରିଡ଼ା ଓ ଦୀପ୍ତିମୟୀ ପଡ଼ିଆରୀଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଚଳିତ ମାସ ୨୩ ତାରିଖରେ ବୁଦ୍ଧିଆଙ୍କ ନାମରେ ଛେଳି ଫାର୍ମରୁ ୪ଟି ଛେଳି ଚୋରି ହୋଇଥିବା ନେଇ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୁକ୍ତ ବୁଦ୍ଧିଆ ସିଂହକୁ ଗିରଫ କରିଥିଲା। କୋର୍ଟ ଫରୱାର୍ଡ଼ ପୂର୍ବରୁ ବୁଦ୍ଧିଆକୁ ଦଶରଥପୁର ଥାନାରେ କାର୍ଯ୍ୟରତ କନେଷ୍ଟବଳ ପ୍ରଭାତ ରଞ୍ଜନ ପରିଡ଼ା ଓ ଦୀପ୍ତିମୟୀ ପଡ଼ିହାରୀଙ୍କ ହେପାଜତରେ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଥାନା ଗାଡ଼ିରେ ନିଆଯାଇଥିବା ବେଳେ ଉଭୟଙ୍କ ଦାୟିତ୍ୱରେ ଅବହେଳାର ସୁଯୋଗ ନେଇ ଅଭିଯୁକ୍ତ ବୁଦ୍ଧିଆ ମେଡ଼ିକାଲ ପରିସରରୁ ଚମ୍ପଟ ମାରିଥିଲା।

## ଚୋରି ମାମଲାର ଅଭିଯୁକ୍ତ କୋର୍ଟ ଚାଲାଣ

**ପାଣିକୋଇଲି, ୨୬।୨(ସମିସ):** ଏକ ଚୋରି ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତକୁ ପାଣିକୋଇଲି ପୁଲିସ ପଶ୍ଚିମବଙ୍ଗରୁ ଗିରଫ କରି ଅଦାଲତ ଚାଲାଣ କରିଛି। ମୂଳାପାଳ ପଞ୍ଚାୟତ କ୍ଷୀରୋ ଗ୍ରାମର ସ୍ୱର୍ଗତ ନୃସିଂହ ଚରଣ ନାୟକଙ୍କ ପୁତ୍ର ଅସିତ ଗତ ୧୨ ତାରିଖରେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ୧୧ ତାରିଖ ଦିନ ସପରିବାରେ ଗ୍ରାମର ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥବାବେଳେ କୌଣସି ଦୁର୍ବୃତ୍ତ ତାଙ୍କ ଘରର ପଛପଟ କବାଟ ଭାଙ୍ଗି ଘରେ ପଶି ସମସ୍ତ ସୁନା ଓ ରୂପା ଅଳଙ୍କାର ସମେତ ନଗଦ ଦଶ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବାବେଳେ ଗାଁରେ ବୁଲି ଫେରୀ ବେପାର କରୁଥବା ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲାର ଏଗ୍ରା ଥାନା ଅନ୍ତର୍ଗତ ଏରେଣ୍ଡାବାଦ ଗ୍ରାମର ଖଲିଲ ସାହାଙ୍କ ପୁଅ ନୁରୁଲ ହୋସେନ(୩୦) ଅଭିଯୁକ୍ତ ବୋଲି ପ୍ରମାଣ ପାଇବା ପରେ ତଦନ୍ତକାରୀ ଅଧିକାରୀ ବିଶ୍ୱରଞ୍ଜନ ଦାସ ସଦଳବଳେ ଯାଇ ସେଠାକାର ପୁଲିସ ସହାୟତାରେ ଗିରଫ କରିଥିଲେ।

## ମୋବାଇଲ ଚୋରି ମାମଲାରେ ଜଣେ ଗିରଫ

**ବ୍ୟାସନଗର, ୨୬ ।୨(ସମିସ):** ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ ସୋମବାର ଏକ ମୋବାଇଲ ଚୋରି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ଗତ ୫ ତାରିଖରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଞ୍ଚଳର ଅର୍ପିତା ନାୟକ ନାମକ ଯୁବତୀ ସାଇକଲ ଯୋଗେ କୋଚିଂ ନିମନ୍ତେ ଯାଉଥିବାବେଳେ ଦୁଇଜଣ ଯୁବକ ତାଙ୍କୁ ଅଟକାଇ ବ୍ୟାଗ ଛଡ଼ାଇବା ସହିତ ବ୍ୟାଗରୁ ମୋବାଇଲ ଫୋନ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଅର୍ପିତା ଯାଜପୁର ରୋଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ମୋବାଇଲ ଲୋକେସନ ଆଧାରରେ ସୋମବାର ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ଅହମ୍ମଦ ନଗର ଅଞ୍ଚଳରେ ଚଢ଼ଉ କରି ମୋବାଇଲ ଜବତ କରିବା ସହିତ ଅଭିଯୁକ୍ତ ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଦିନାନଗରର ଏସକେ ସାହାଜାନକୁ ଗିରଫ କରିଛି।

## ବିଜୁ ସେତୁର ଶିଳାନ୍ୟାସ କଲେ ବିଧାୟିକା

**ବରୀ, ୨୬ ।୨(ସମିସ):** ଦୀର୍ଘ ଦିନର ଦାବି ପରେ ବରୀ ବ୍ଲକ ଅଧୀନସ୍ଥ ଚିଙ୍ଗୁଡ଼ିଆ ନାଳରେ ବିଜୁ ସେତୁ ଯୋଜନାରେ ଏକ ସେତୁ ନିର୍ମାଣ ପାଇଁ ବରୀ ବିଧାୟିକା ସୁନନ୍ଦା ଦାସ ଶିଳାନ୍ୟାସ କରିଛନ୍ତି। ୪୧ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୮୦ ମିଟର ଲମ୍ବ ଏହି ବିଜୁ ସେତୁ ୭/୦୮/୨୦୨୮ରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ କହିଛନ୍ତି। ଏହି ସେତୁ ନିର୍ମାଣ ଶେଷ ହେଲେ ବୋଦୁଅ ପଞ୍ଚାୟତର କୁମ୍ଭକା, ବୋଦୁଅ, କନ୍ତିଆ, ସରବରା ଓ ଙଅରା ପଞ୍ଚାୟତର ପୁରାତନ ଙଅରା ପ୍ରଭୃତି



ଗ୍ରାମର ହଜାର ହଜାର ଜନସାଧାରଣ ବରୀ ବ୍ଲକ କାର୍ଯ୍ୟାଳୟ, ତହସିଲ ଅଫିସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ କଟକ ଭୁବନେଶ୍ୱର ପ୍ରଭୃତି ଅଞ୍ଚଳକୁ ଯାତାୟତର ମୁଖ୍ୟ ମାଧ୍ୟମ ହେବ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟିକାଙ୍କ ବ୍ୟତୀତ ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ବିଜେଡ଼ି ସଂଯୋଜକ ଦେବେନ୍ଦ୍ର ଦାସ, ବ୍ଲକ ବିଜେଡ଼ି ସଭାପତି କେଦାର ସାମଲ, ଙଅରା ସରପଞ୍ଚ ପ୍ରଭାତୀ ପଲେଇ, କିମ୍ପିରିଆପାଳ ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ସାହୁ, ରମ୍ଭା ସରପଞ୍ଚ ମନସ ଯେନା, ସମାଜସେବୀ ଅରବିନ୍ଦ ମହାନ୍ତି, ଦିଲ୍ଲୀପ ସାମଲ, ଅଜୟ ମଲ୍ଲଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ବ୍ୟାସନଗରରେ ରେଳ ଓଭରବ୍ରିଜ ଓ ଗଳିପୋଲର ଶିଳାନ୍ୟାସ

**ବ୍ୟାସନଗର, ୨୬।୨(ସମିସ):** ବ୍ୟାସନଗରବାସୀଙ୍କ ଦୀର୍ଘଦିନର ଦାବି ପୂରଣ ଦିଗରେ ରାଜ୍ୟ ସରକାରଙ୍କ ନିଷ୍ଠା ଓ କେନ୍ଦ୍ର ନିକଟରେ ଦାବିର ସୁଫଳ ମିଳିଛି। ଦୀର୍ଘ ବର୍ଷ ହେବ ବ୍ୟାସନଗରବାସୀଙ୍କ ଦୁଃଖ ପାଲଟିଥିବା ଯାଜପୁର କେନ୍ଦୁଝରରୋଡ ରେଳବାଇ ଲେବୁଲ କ୍ରସିଂରୁ ମୁକ୍ତି ମିଳିବାକୁ ଯାଉଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ସହିତ କେବେ ସାଲିସ କରୁ ନ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ରର ମୋଦି ସରକାର ସହଭାଗିତା ଭିତ୍ତିରେ ବ୍ୟାସନଗର ସହରର ସାଇମନ୍ଦିର ଲେବୁଲ କ୍ରସିଂ ନଂ ୧୪୨ ନିକଟରେ ୧୦୧ କୋଟି ୪୯ ଲକ୍ଷ ୮୮ହଜାର ୯୦୯ ଟଙ୍କାରେ ଏକ ରେଳ ଓଭରବ୍ରିଜ ଏବଂ ଗଳିପୋଲ ଓ ଲେବୁଲ କ୍ରସିଂ ନଂ ୧୪୦ ଡାକବଙ୍ଗଳା ଛକ ନିକଟରେ ୪ କୋଟି ୮୪ ଲକ୍ଷ ୨୦ ହଜାର ୯୦୯ ଟଙ୍କା ବ୍ୟୟରେ ଗଳିପୋଲ ନିର୍ମାଣ



ନିମନ୍ତେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମିଲ ହୋଇଥିଲେ। ଏନେଇ ଯାଜପୁର କେନ୍ଦୁଝର ରୋଡ ରେଳଷ୍ଟେସନ ନିମଟରେ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଜପୁର ଲୋକସଭା ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠ, କୋରେଇ ବିଧାୟକ ଅଶୋକ ବଳ, ପୂର୍ବତଟ ରେଳବାଇର ଡେପୁଟି ଚିଫ୍ ଇଂଜିନିୟର(ନିର୍ମାଣ) ଏସ୍.କେ. ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସାଂସଦ ଶର୍ମିଷ୍ଠା ସେଠୀ ବ୍ୟାସନଗରବାସୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାକୁ କେହି ରୋକିପାରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଅନେକ ଦାବି ପରେ ଏହି କାର୍ଯ୍ୟର ଆରମ୍ଭ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ରେଳମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ତେବେ ଅନ୍ୟ ଜିଲ୍ଲା ପରି ଯାଜପୁର ରୋଡରେ ରେଳ ଡିଭିଜନ ଦାବିକୁ ପୁନର୍ବାର ଦୋହରାଇଥିଲେ।

## ଚୋରାମଦ ବ୍ୟବସାୟ ରୋକିବାକୁ ଅଣ୍ଟା ଭିଡ଼ିଲେ ମହିଳା

**ଦଶରଥପୁର, ୨୬।୨ (ସମିସ):** ମଙ୍ଗଳପୁର ଥାନା ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଗ୍ରାମରେ ବଢ଼ି ଚାଲିଥିବା ଚୋରାମଦ ବ୍ୟବସାୟ ବନ୍ଦ କରିବାକୁ ଅଣ୍ଟା ଭିଡ଼ିବା ସହିତ ଚୋରାମଦ ବ୍ୟବସାୟକୁ ଅବିଳମ୍ବେ ବନ୍ଦ କରିବା ପାଇଁ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ନୀଳକଣ୍ଠପୁର ଗ୍ରାମର ପୀତାମ୍ବର ମଲ୍ଲିକ (୩୦) ଓ ଅମର ମଲ୍ଲିକ (୨୭) ନାମକ ୨ ଜଣ ବ୍ୟକ୍ତି ଗ୍ରାମରେ ଚୋରାମଦ ବ୍ୟବସାୟ କରୁଥିବାବେଳେ ସେଠାରେ ଗ୍ରାମର ପୁରୁଷ ମଦ୍ୟପାନ କରି ଘରେ ଅଶାନ୍ତି ସୃଷ୍ଟି କରିବା ସହିତ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏ ସମ୍ପର୍କରେ ମଙ୍ଗଳପୁର ପୁଲିସକୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ପୁଲିସ କର୍ଣ୍ଣପାତ କରୁନାହିଁ। ତୁରନ୍ତ ଚୋରାମଦ ବ୍ୟବସାୟକୁ ବନ୍ଦ କରିବା ଦିଗରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଥାନା ଘେରଉ ପାଇଁ ମହିଳାମାନେ ଚେତାବନୀ ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ଶଙ୍ଖଚିଲା, ୨୬।୨(ସମିସ):** କୋରେଇ ବ୍ଲକ ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତ ଅନ୍ତର୍ଗତ ଛୋଟରାୟପୁର ଗ୍ରାମରେ ଜଣେ ଯୁବକ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଛୋଟରାୟପୁର ଗ୍ରାମର ଲକ୍ଷ୍ମୀଧର ଦାଶଙ୍କ ସାନପୁଅ ଶିଶିର (୩୪) ସନ୍ଧ୍ୟାରେ କବାଟ ବନ୍ଦ କରି ଘରେ ବସିଥିଲେ। ହଠାତ ଘର ଲୋକ କବାଟ ଖୋଲିଲା ବେଳକୁ ଶିଶିର ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ଏହା ଦେଖି ପରିବାର ଲୋକ ପଡୋଶୀକୁ ଡାକିବା ସହିତ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ପରେ ଜଣାପଡ଼ିବା ବୋଲି ପୁଲିସ କହିଛି।

## ନୂତନ ପାର୍କ ଉଦ୍‌ଘାଟନ ଓ ପୂର୍ତ୍ତ ରାସ୍ତା ପାଇଁ ଭିତ୍ତିପ୍ରସ୍ତର

**ଦାନଗଦି, ୨୬ ।୨(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଟିଟିଏସ-ମୂଳାସାର ରାସ୍ତାର ନବନିର୍ମାଣ ଓ ପ୍ରଶସ୍ତିକରଣ ପାଇଁ ସୋମବାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଆନୁଷ୍ଠାନିକ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୬ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତାର ୩ କିମି ୬୪୨ ମିଟର ରାସ୍ତା ନିର୍ମାଣ ହେବ ଓ ଏହା ଆଗାମୀ ଅଗଷ୍ଟ ମାସ ଶେଷ ସୁଦ୍ଧା ଶେଷ ହେବ ବୋଲି ମନ୍ତ୍ରୀ ଶ୍ରୀ ଘଡାଇ ଶିଳାନ୍ୟାସ ଅବସରରେ କହିଛନ୍ତି। ପୂର୍ତ୍ତ ରାସ୍ତା ଶିଳାନ୍ୟାସ ଫଳକ ପୂଜନ ସମୟରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ ଓ ସ୍ମୃତିରେଖା ରାଉତ, ସମିତି ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ରାଣୀପଡ଼ା ସରପଞ୍ଚ ଜିତାଞ୍ଜଳୀ ବେହେରା, ସମିତି ସଭ୍ୟା ବିରୁପା ରାଣୀ ଦେଓ ଓ ଠିକାଦାର ଜୟ ପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବନ ବିଭାଗ ଦ୍ୱାରା ଗହିରପାଟୁଳି ନନ୍ଦକିଶୋରପୁରଠାରେ ନିର୍ମିତ ବନବାଟିକାକୁ ମନ୍ତ୍ରୀ ଶ୍ରୀ ଘଡାଇ ଅପରାହ୍ଣରେ ଉଦଘାଟନ କରିଥିଲେ। ଜିଲ୍ଲା ଖଣିଜ ପାଣ୍ଠି ୬୦ ଲକ୍ଷ



ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ପାର୍କ ଲୋକଙ୍କ ଅବସର ବିନୋଦନ, ଶିଶୁଙ୍କ ପ୍ରମୋଦ ପାଇଁ ବେଶ ସହାୟକ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଯାଜପୁର ରୋଡ ରେଞ୍ଜର ଜ୍ୟୋତି ରଞ୍ଜନ ମହାପାତ୍ର, ଫରେଷ୍ଟର ନିଳୀମା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳା ମହାବିଦ୍ୟାଳୟ ନୂତନ ଗୃହର ଶିଳାନ୍ୟାସ

**ଧର୍ମଶାଳା, ୨୬।୨ (ସମିସ):** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ୨୨ କୋଟି ୫୧ ଲକ୍ଷ ଟଙ୍କା ବ୍ୟୟରେ ୯ଟି ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ ଜାରକା ପକ୍ଷରୁ ଧର୍ମଶାଳା ମହାବିଦ୍ୟାଳୟରେ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ମାର୍ଟକ୍ଲାସର ଉନ୍ନତିକରଣ ଓ ୧ କୋଟି ୨୫ ଲକ୍ଷ ବ୍ୟୟ ଅଟକଳରେ ନୂତନ ଗୃହର ଶିଳାନ୍ୟାସ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା ହୋଇଯାଇଛି। ସେହିପରି ବଳରାମପୁରସ୍ଥ ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ ୧ କୋଟି ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ଗୃହ ଓ ସ୍ମାର୍ଟ କ୍ଲାସ ନବୀକରଣ ପାଇଁ ଶିଳାନ୍ୟାସ କରିଥିଲେ। କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ପାଇଁ ୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସେହିପରି ୧୧ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଧୁପୁରଗଡ଼ଠାରୁ ତଙ୍କାରୀ ତୁରଙ୍ଗ ରାସ୍ତା, ୧ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସାତମାଣ ଆରଡି ରୋଡଠାରୁ ରାମଚନ୍ଦ୍ରପୁର ଏଚଏସସି ରୋଡ, ୧ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଦିବାସୀ ଅଧ୍ୟୁଷିତ ବୁରୁସାହି ରାସ୍ତା ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ,



ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ପ୍ରଣତୀ ଲେଙ୍କା, ସୁଧାଂଶୁ ଶେଖର ସାହୁ, ଧର୍ମଶାଳା କଲେଜ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ, ପରିଚାଳନା କମିଟି ସଭାପତି ଡକ୍ଟର ପ୍ରିୟନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଚେତାବନୀ

# ପ୍ରକଳ୍ପକୁ ମଞ୍ଜୁରି ନ ମିଳିଲେ ପୁଣି ଦିଲ୍ଲୀରେ ଧାରଣା

**ଯାଜପୁର, ୨୬ ।୨(ସମିସ):** ଯାଜପୁରରୋଡ-ଧାମରା ରେଳପଥ ପ୍ରକଳ୍ପକୁ ମଞ୍ଜୁରି ଦେବାରେ କେନ୍ଦ୍ର ସରକାର ବାରମ୍ବାର ଟାଳଟୁଳ ନୀତି ଆପଣାଉଛି। ଏହି ପ୍ରକଳ୍ପର ଚୂଡାନ୍ତ ସର୍ଭେ ରିପୋର୍ଟ ନିର୍ଦ୍ଧାରିତ ସମୟ ମଧ୍ୟରେ ଦିଆଯାଇନାହିଁ। ଫଳରେ ଏହି ପ୍ରକଳ୍ପର ଡିପିଆର ପ୍ରସ୍ତୁତିରେ ଅହେତୁକ ବିଳମ୍ବ ଘଟୁଛି। ଅନ୍ୟପଟେ ଏହି ପ୍ରକଳ୍ପ ପାଇଁ ଦୀର୍ଘ ବର୍ଷ ଧରି ଏକାଧିକ ଜିଲ୍ଲାବାସୀ ଦାବି କରୁଥିଲେ ମଧ୍ୟ କେନ୍ଦ୍ର ସରକାର ଆଦୌ ଧ୍ୟାନ ଦେଉନାହାଁନ୍ତି। ତେଣୁ ଏହି ପ୍ରକଳ୍ପକୁ ଆଗାମୀ ସାଧାରଣ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗିବା ପୂର୍ବରୁ ମଞ୍ଜୁରି ନ ମିଳିଲେ



ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିବାସୀଗଣଙ୍କ ମଧ୍ୟରେ ପ୍ରକଳ୍ପର ଚୂଡାନ୍ତ ସର୍ଭେ ପାଇଁ ମଞ୍ଜୁରି ବେଶ୍ ଆଶାର ସଞ୍ଚାର କରିଥିଲେ ମଧ୍ୟ ସେମାନଙ୍କୁ ପରିଶେଷରେ ନିରାଶ ହେବାକୁ ପଡ଼ିଛି। ସର୍ଭେ କରୁଥିବା କନସଲଟାଣ୍ଟ ଯେତେବେଳେ ବ୍ୟର୍ଥ ହେଉଛି, ସେତେବେଳେ ପୂର୍ବତଟ ରେଳପଥର ଦାୟିତ୍ୱ ଅଛି। ଉଭୟ ସର୍ଭେୟର ଓ ରେଳବାଇ ଜୋନର ବ୍ୟର୍ଥତାର ପ୍ରତିକାର କରିବା ଦାୟିତ୍ୱ ହେଉଛି ରେଳ ମନ୍ତ୍ରଣାଳୟ ଓ କେନ୍ଦ୍ର ସରକାରଙ୍କର। ମାତ୍ର କେନ୍ଦ୍ର ସରକାରଙ୍କର ଦୃଢ଼ ତଥା ନିଷ୍ଠାପର ଇଚ୍ଛାଶକ୍ତି ହିଁ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାବାସୀଙ୍କୁ ନ୍ୟାୟ ପ୍ରଦାନ କରିପାରିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଦୃଢ଼ ଆଶାପୋଷଣ କରାଯାଇଛି। ଏ ପରିପ୍ରେକ୍ଷୀରେ ଆସନ୍ତା ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ଓ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ପରିଚାଳନା କରି ଏହି ନୂତନ ରେଳ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିବାକୁ ଯାଜପୁର ରୋଡ- ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଏହି ମର୍ମରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପାଖକୁ ସ୍ମାରକପତ୍ର ପ୍ରେରଣ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କୁ ସଂଗ୍ରାମ ସମିତିର ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ପାଇଁ ସ୍ଥିର ହୋଇଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କୁ ମଧ୍ୟ ଭେଟିବାର ନିଷ୍ପତ୍ତି ନିଆଯାଇଛି। ଆଗାମୀ ନିର୍ବାଚନରେ ଯେଉଁ ପ୍ରାର୍ଥୀ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀରୁ ଓ କୋରେଇ, ଯାଜପୁର, ବିଂଝାରପୁର, ଚାନ୍ଦବାଲି ଓ ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ସେମାନେ ତାଙ୍କ ଇସ୍ତାହାରରେ ଏହି ପ୍ରକଳ୍ପ ମଞ୍ଜୁରି ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଘୋଷଣା କରିବାକୁ ସଂଗ୍ରାମ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

**ପାଣିକୋଇଲି, ୨୬।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ତେଲିଆ ଗ୍ରାମରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେଲିଆ ଗ୍ରାମର ଯୁବତୀ (୧୯) ଘରେ ଏକୁଟିଆ ଥିବା ସୁଯୋଗରେ ଉକ୍ତ ଗ୍ରାମର ଭୀମସେନ ଦଳାଇଙ୍କ ପୁଅ ବିଜୟ ଓରଫ ଗେଣ୍ଡୁଆ ଦୁଷ୍କର୍ମ କରିଥିଲା। ଉକ୍ତ ଯୁବତୀଙ୍କ ଭାଇ ଘରେ ପହଞ୍ଚି ଯିବାରୁ ସେ ଦୌଡ଼ି ପଳାଇଯାଇଥିଲା। ଏ ନେଇ ଯୁବତୀ ଜଣକ ପରିବାର ଲୋକ ଘରକୁ ଫେରିବା ପରେ କହିଥିଲା। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି। ଅଭିଯୁକ୍ତ ଗେଣ୍ଡୁଆ ଫେରାର ଥିବାରୁ ତାକୁ ଧରିବା ଲାଗି ପୁଲିସ ଚେଷ୍ଟା ଚଳାଇଛି।

## ଉତ୍ତଙ୍ଗରା ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ମଙ୍ଗିନ୍ଦା, ୨୬।୨(ସମିସ):** ବିଞ୍ଝାରପୁର ବ୍ଲକର ଅଗ୍ରଣୀ ସରକାରୀ ଶିକ୍ଷାନୁଷ୍ଠାନ ଉତ୍ତଙ୍ଗରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଯାଜପୁର ବ୍ଲକର ସୁଦର୍ଶନ ପାଢ଼ୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ କୁମାର ସାମଲ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ବିଦ୍ୟାଳୟ ବିଞ୍ଝାରପୁର ବ୍ଲକର ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ଯୋଗ୍ୟ ବିବେଚିତ ହୋଇ ଏହି ପୁରସ୍କାର ପାଇଛି। ବିଦ୍ୟାଳୟର ଏହି ସଫଳତା ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରି ଖେଳାଇଦେଇଛି। ଉତ୍ତଙ୍ଗରା ସରପଞ୍ଚ ସନ୍ତୋଷ କୁମାର ମଲ୍ଲିକ, ସମିତି ସଭ୍ୟ ମନୋଜ କୁମାର ଜେନା, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରମେଶ ଚନ୍ଦ୍ର ଧଳ, ସାମ୍ବାଦିକ କରୁଣାକର ବେହେରା, ବିଜ୍ଞାନ ଶିକ୍ଷକ ବ୍ରହ୍ମାନନ୍ଦ ବାରିକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବି ନାରାୟଣ ମହାନ୍ତି ପ୍ରମୁଖ ବିଦ୍ୟାଳୟର ଏହି ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଶିକ୍ଷକ ନେତାଙ୍କ ପତ୍ନୀଙ୍କ ସ୍ମୃତିଚାରଣ ସଭା

**ଯାଜପୁରଟାଉନ, ୨୬।୨ (ସମିସ):** ଶିକ୍ଷକ ମହାସଂଘର ରାଜ୍ୟ ସଭାପତି ଧନଞ୍ଜୟ କେଶରୀ ରାଉତରାୟଙ୍କ ପତ୍ନୀ ଗତ ଚଳିତ ମାସ ୧୩ ତାରିଖରେ ପରଲୋକ ହୋଇଥିଲା। ତାଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ଦିଗମ୍ବର ସାହୁ, ପୀତାମ୍ବର ସ୍ୱାଇ, ବିରଜା ସେବା ସମିତି ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ପୂର୍ଣ୍ଣାନନ୍ଦ ସ୍ମୃତି ପାଠାଗାରର ସଭାପତି କହ୍ନାଇ ଚରଣ ମହାନ୍ତି, ବରିଷ୍ଠ ନାଗରିକ ସଂଘର ସଭାପତି ନୃସିଂହ ଚରଣ ମହାପାତ୍ର, ବିରଜା ସେବା ସମିତିର ସଭାପତି ବିଶ୍ୱମ୍ଭର ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଗଦାଧର ରାଉତ, ସମ୍ପାଦକ ପ୍ରଦୀପ କୁମାର ଦାସ, ଯୁଗାନ୍ତର ସମ୍ପାଦକ ଡଃ ଭାଗ୍ୟଧର ସାହୁ, ଡଃ ନୃସିଂହ ବେହେରା, ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଡଃ ଦୁଷ୍ମନ୍ତ ନାୟକ, ପୂର୍ବତନ ସାଂସଦ ଅଞ୍ଚଳ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଜିଲ୍ଲା ଶିକ୍ଷକ ମହାସଂଘର ସଭାପତି କୈଳାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁବୈଶ୍ୟ ସମାଜ ବ୍ୟାସନଗର ଶାଖାର ବୈଠକ

**ବ୍ୟାସନଗର, ୨୬।୨ (ସମିସ):** ବ୍ୟାସନଗର ପୌରାଞ୍ଚଳର ଦଳା ଛକ ନିକଟରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ବ୍ୟାସନଗର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ସଂଗଠନ ପାଇଁ କାର୍ଯ୍ୟକର୍ତ୍ତା ଚୟନ କରିବାକୁ ବ୍ଲକସ୍ତରୀୟ ଆଞ୍ଚଳିକ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଆସନ୍ତା ମାର୍ଚ୍ଚ ୧୦ ତାରିଖରେ ବସିବାକୁ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ମଧୁବୈଶ୍ୟ ସମାଜ ଜିଲ୍ଲାସ୍ତରୀୟ ଆବାହକ ବସନ୍ତ ପାତ୍ର, ଧୀରେନ୍ଦ୍ର କୁମାର ସାହୁଙ୍କ ସମେତ ବରିଷ୍ଠ ସଭ୍ୟ ବିଷ୍ଣୁଚରଣ ସାହୁ, ବୈରାଗୀ ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ବୀରକିଶୋର ସାହୁ, ବଳରାମ ସାହୁ, ରଙ୍ଗବଲ୍ଲଭ ସାହୁ, ସୁଧାଂଶୁ ଶେଖର ସାହୁ, ପ୍ରତାପ ଚନ୍ଦ୍ର ପାତ୍ର, ଅରୁଣ କୁମାର ସାହୁ, ରାମଚନ୍ଦ୍ର ସାସମଲ, ହୃଷିକେଶ ପାତ୍ର, ସତୀଶ କୁମାର ସାହୁ, ଭକ୍ତବନ୍ଧୁ ସାହୁ, କମଳାକାନ୍ତ ସାହୁ, ବିଦ୍ୟାଧର ସାହୁ ଓ ଶ୍ରୀନିବାସ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଭଗବତେଶ୍ୱର ମହାଦେବ ମନ୍ଦିର ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

**କବାଟବନ୍ଧ, ୨୬।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁର ପଞ୍ଚାୟତସ୍ଥ ଭଗବତେଶ୍ୱର ମହାଦେବ ମନ୍ଦିରର ଜାଗର ଯାତ୍ରା ଓ ଯଜ୍ଞ ଉତ୍ସବ ନିମନ୍ତେ ରବିବାର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛିଫପ୍ରଧାନ ଶିକ୍ଷକ ଅଜୟ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆସନ୍ତା ଜାଗର ଯାତ୍ରା ଉତ୍ସବ ଉପଲକ୍ଷେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହା ଏକ ପ୍ରସିଦ୍ଧ ଶୈବପୀଠ ହୋଇଥିବାରୁ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ, ମନ୍ଦିର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ଆଇନ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ମନ୍ଦିର କମିଟି ସମ୍ପାଦକ ପବିତ୍ର ମୋହନ ରାଉତ, ଶିକ୍ଷକ ପ୍ରଫୁଲ୍ଲ କୁମାର ମଲ୍ଲ, ଅଭିରାମ ରାଉତ, ମଧୁସୂଦନ ମଲ୍ଲ, ଅରୁଣ ପରିଡ଼ା, ପୂର୍ବତନ ସରପଞ୍ଚ ବାସୁଦେବ ପରିଡ଼ା, ସମବାୟ ସମିତିର ସମ୍ପାଦକ ଅକ୍ଷୟ ବେହେରା, ମେଘନାଦ ରାଉତ, ଦୁର୍ଯ୍ୟୋଧନ ରାଉତ, ଫଗୁ ଚରଣ ମଲ୍ଲ, ବଳରାମ ମଲ୍ଲ, ପ୍ରଭାତ କୁମାର ରାଉତ, କଳ୍ପତରୁ ବଳ, ଅଶୋକ ମଲ୍ଲ, କୁନା ବଳ, ଆର୍ତ୍ତବନ୍ଧୁ ରାଉତ, ଯୁବ ଉଦ୍ୟୋଗୀ ଶରତ ସେଠୀ, ଯୁବ ସାମ୍ବାଦିକ ଚିତ୍ରସେନ ନାଥଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଦସ୍ୟ ମଳୟ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

### କର୍ମଚାରୀଙ୍କ ମିଳୁନି ଦେଖା, ଫରେଷ୍ଟ ବିଟ୍ ହାଉସରେ ଝୁଲୁଛି ତାଲା

# ସୁରକ୍ଷା ଅଭାବରୁ ଉଜୁଡ଼ିଯାଉଛି କୋରାବନ୍ଧୀ ଜଙ୍ଗଲ

**କୋରେଇ, ୨୬।୨(ସମିସ)**





କୋରେଇ ବ୍ଲକ ଅନ୍ତର୍ଗତ କୋରାବନ୍ଧୀ ମୌଜାରେ ଥିବା ୩୫୨ ଏକରରୁ ଊର୍ଦ୍ଧ୍ୱ ପ୍ରାଚୀନ ଜଙ୍ଗଲଟି ସୁରକ୍ଷା ଅଭାବରୁ ଧିରେ ଧିରେ ଉଜୁଡ଼ିଯିବାକୁ ବସିଲାଣି। ଏଠାରେ ନିଯୁକ୍ତି ହୋଇଥିବା କର୍ମଚାରୀଙ୍କ ଦେଖାଦର୍ଶନ ମିଳୁନି କି ଫରେଷ୍ଟ ବିଟ୍ ହାଉସରୁ ତାଲା ଖୋଲୁନି। ଫଳରେ କାଠ ମାଫିଆ, ନାରଗୁଣି ଗଛ ଚେର ମାଫିଆ ଓ ସାଧାରଣ ଲୋକେ ନିର୍ଭୟରେ ବଡ ବଡ ଗଛକାଟି ନେଉଛନ୍ତି। ଏହାଦ୍ୱାରା ଗ୍ରାମର ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ବହୁବର୍ଷ ତଳେ ପଚ୍ଛିକୋଟ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ମାତ୍ର ସୁରକ୍ଷା ଅଭାବରୁ ସବୁ ଜଙ୍ଗଲ ଲୋପ ପାଇଯାଇଥିବାବେଳେ କୋରାବନ୍ଧୀ, ମଲାରିଆ ଓ ପାଟରଙ୍ଗା ଗ୍ରାମର କିଛି ବୁଦ୍ଧିଜୀବୀଙ୍କ ଉଦ୍ୟମରେ ଏ ଅଞ୍ଚଳରେ ଥିବା ଜଙ୍ଗଲକୁ ସୁରକ୍ଷା ଦିଆଯାଇଥିଲା। ମୁଖ୍ୟତଃ କୋରାବନ୍ଧୀ ମୌଜାରେ ଥିବା ଜଙ୍ଗଲକୁ କୋରାବନ୍ଧୀ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ମୁଠି ଚାଉଳ ଆଦାୟ କରି ଜଣେ ଜଗୁଆଳି ନିଯୁକ୍ତ କରି ଜଙ୍ଗଲର ଜଗାରଖା କରାଯାଉଥିଲା। ଫଳରେ ଛୋଟ ଛୋଟ ହୋଇଥିବା ଗଛ ଏବେ ମହାଦ୍ରୁମରେ ପରିଣତ ହେଲାଣି। ତେବେ କିଛି ଜମି ମାଫିଆ ତଞ୍ଚକତା କରି ଜଙ୍ଗଲ ଜମିକୁ ନିଜ ନାମରେ ପଟ୍ଟାଭୁକ୍ତ କରିବା ଫଳରେ ଏହାର ପରିମାଣ କମି କମି ବର୍ତ୍ତମାନ ସୁଦ୍ଧା ୩୫୨ରୁ ଊର୍ଦ୍ଧ୍ୱ ଏକର ଅଛି। ଏହି ବିଶାଳ ପ୍ରାଚୀନ ଜଙ୍ଗଲରେ ଶାଳ, ପିଆଶାଳ, ଅସନ, ମହୁଲ, କେନ୍ଦୁ, ଚାର, ଜାମୁ ଆଦି ବଡ ବଡ ଗଛ ଥିବାବେଳେ ଝାଟି, ଲତା, କଣ୍ଟା ବୁଦାରେ ପରିପୂର୍ଣ୍ଣ ଏହି ଜଙ୍ଗଲ। ଏଥିରେ ମଧ୍ୟ ବହୁ ବନ୍ୟଜନ୍ତୁ ବି ଅଛନ୍ତି। ଏଥିସହିତ ଫାଙ୍କା ପଡ଼ିଥିବା ସ୍ଥାନରେ ଜଙ୍ଗଲ ବିଭାଗ ପକ୍ଷରୁ ଆକାଶିଆ, ଇଉକଲପଟାସ, ଚାକୁଣ୍ଡା ଆଦି ଗଛ ବି ଲଗାଯାଇଛି। କିନ୍ତୁ ଏବେ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ଏହି ଜଙ୍ଗଲ ଉପରେ ପଡ଼ିଛି। ଅଧିକାରୀମାନେ କେହି ଏ ଜଙ୍ଗଲ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ମାଫିଆ କଟର ମେସିନ୍ ଲଗାଇ ମୂଲ୍ୟବାନ ଗଛ କାଟି ନେଉଛନ୍ତି।

ତା'ଛଡ଼ା ଏ ଜଙ୍ଗଲ ନିକଟରେ ଥିବା ଭାଲୁକାହୁଡି, ହୁଡିସାହି, ନୂଆସାହି ଆଦି ଗ୍ରାମରେ ପ୍ରତ୍ୟେକ ଦିନ ୫/୬ କ୍ୱିଣ୍ଟାଲ ଚାଉଳରେ ହାଣ୍ଡିଆ ରନ୍ଧା ଯାଉଥିବା ଖବର ମିଳିଛି। ଏହି ହାଣ୍ଡିଆ ରାନ୍ଧିବା ପାଇଁ ହାଣ୍ଡିଆ ବେପାରୀ ଜଙ୍ଗଲରୁ ବଡ ବଡ ଗଛ କାଟି ନେଉଛନ୍ତି। ସେହିପରି କିଛି ଦିନ ତଳେ ନାରଗୁଣି ଚେର ଚୋରା ମାଫିଆ ଏ ଅଞ୍ଚଳରେ ଡେରା ପକାଇଥିଲେ। ସେମାନେ ସ୍ଥାନୀୟ ଲୋକଙ୍କୁ ହାତକରି ନାରଗୁଣି ଗଛର ଚେରକୁ ନେଇଯାଇଛନ୍ତି। ଯାହାକି 'ସକାଳ' ଦୈନିକ ଖବରକାଗଜରେ ବିସ୍ତୃତ ଭାବେ ପ୍ରକାଶ ପାଇଥିଲା। ଏବେ ଜଙ୍ଗଲରେ ଗୋଟିଏ ନାରଗୁଣି ଗଛ ପାଇବା କଷ୍ଟ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବନ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ଦିନକୁ ଦିନ ଏହି ଗଛ ଚୋରି ବଢୁଛି। କିନ୍ତୁ ଏଯାଏ କାହାକୁ କାବୁ କରାଯାଇନାହିଁ କି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାଛଡା ଦୈନନ୍ଦିନ କିଛି ସ୍ଥାନୀୟ ଲୋକ ମଧ୍ୟ ନିର୍ଭୟରେ ଗଛ ହାଣୁଛନ୍ତି। ପରିତାପର ବିଷୟ ରଗଡ଼ିଠାରେ ଥିବା ଫରେଷ୍ଟ ବିଟ୍ ହାଉସ୍‌ରୁ ତାଲା ଖୋଲୁ ନ ଥିବା ଅଭିଯୋଗ ହୋଇଛି। ଏ ଅଞ୍ଚଳରେ ବୃକ୍ଷରୋପଣ ତଥା କାଠଚୋରି ରୋକିବା ପାଇଁ ଏହି ବିଟ୍ ହାଉସ୍ ନିର୍ମାଣ କରାଯାଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଥିବା ଏହି ବିଟ୍ ହାଉସରେ ବନରକ୍ଷୀ ରହିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ନିର୍ମାଣ ପରଠାରୁ ଏପର୍ଯ୍ୟନ୍ତ ଏହି କାର୍ଯ୍ୟାଳୟର ତାଲା ଝୁଲୁଛି। ଏହା ବ୍ୟବହାର ହେଉ ନ ଥିବାରୁ ଏହାର ଚାରିପଟେ ଅନାବନା ଗଛଲଟା ମାଡ଼ିଯିବା ସହିତ ସରୀସୃପଙ୍କ ବାସସ୍ଥାନ ପାଲଟି ଥିବା ପରିଲକ୍ଷିତ ହେଉଛି। କୌଣସି ଅଧିକାରୀ ଏ ଜଙ୍ଗଲ ଉପରେ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏହା ଏକ ପ୍ରାଚୀନ ଜଙ୍ଗଲ ଅଟେ। ସରକାର ବୃକ୍ଷରୋପଣ ଉପରେ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ଏହି ପ୍ରାଚୀନ ଜଙ୍ଗଲ ପ୍ରତି ଅବହେଳା ପ୍ରଦର୍ଶନ କରିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ପ୍ରକାଶ କରନ୍ତି। ଏ ସମ୍ପର୍କରେ ଯାଜପୁରରୋଡ ବନ ବିଭାଗ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ କର୍ମଚାରୀ କମ୍ ଥିବା ପ୍ରକାଶ କରିଥିଲେ। ଯଦି ଏହାର ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରା ନ ଯାଏ ତେବେ ଅଳ୍ପ ଦିନ ମଧ୍ୟରେ ଏହି ପ୍ରାଚୀନ ଜଙ୍ଗଲ ଲୋପ ପାଇଯିବା ଆଶଙ୍କା ସୃଷ୍ଟି ହେଉଛି। ଏହାର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଶଶୀଭୂଷଣ ବାଳିକା ବିଦ୍ୟାଳୟରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ



**ବ୍ୟାସନଗର, ୨୬।୨(ସମିସ)**

ବ୍ୟାସନଗର ସହରର ଅନ୍ୟତମ ପୁରାତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶଶୀଭୂଷଣ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଜାତୀୟ ସବୁଜ ବାହିନୀ(ଇକୋ କ୍ଲବ)ର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ରବିବାର ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାସନଗର ସହରର ଖଣ୍ଡାହତା ଗ୍ରାମର ବାବା ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣକୁ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପରିଷ୍କାର କରାଯାଇଥିଲା। ଏତଦବ୍ୟତୀତ ଶ୍ରୀମତୀ ପଣ୍ଡା ସମସ୍ତଙ୍କୁ ଆଜିର ସମୟରେ ଜଳବାୟୁ ପରିବର୍ତ୍ତନ ତଥା ପରିବେଶ ସଂରକ୍ଷଣ ଉପରେ କାର୍ଯ୍ୟ କରିବା ସହିତ ପରବେଶ ସଂରକ୍ଷଣ ଉପରେ କାର୍ଯ୍ୟ କରିବା ଓ ସମସ୍ତ ଅଞ୍ଚଳକୁ ପ୍ରଦୂଷଣମୁକ୍ତ ରଖିବା ଉଦ୍ଦେଶ୍ୟରେ ବହୁଳ ଭାବେ ବୃକ୍ଷରୋପଣ ନିମନ୍ତେ ସ୍ଥାନୀୟ ଗ୍ରାମବାସୀଙ୍କୁ ପରାମର୍ଶ ଦେବା ସହିତ ଗ୍ରାମବାସୀଙ୍କୁ ଗୋଟିଏ ଲେଖାଏଁ ବୃକ୍ଷ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**କବାଟବନ୍ଧ/ଚଢ଼େଇଧରା, ୨୬।୨ (ସମିସ)**



ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉନ୍ନତିକରଣ ଓ ନୂତନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏ ଅବସରରେ ୧୨ ନମ୍ବର ଜୋନର ଏଚଏଲସି ରେଞ୍ଜ ୧ରୁ ଜେନାପୁର ରେଲୱେ ଷ୍ଟେସନ ରାସ୍ତା ପାଇଁ ୧ କୋଟି ୪୭ ଲକ୍ଷ, ମଧୁପୁରଗଡ଼ଠାରୁ ଡଙ୍କାରି-ତୁରଙ୍ଗ ରାସ୍ତା ପାଇଁ ୧୧ କୋଟି ୩୪ ଲକ୍ଷ, ସାତମାଣ ଆରଡ଼ିଠାରୁ ରାମଚନ୍ଦ୍ରପୁର ଏଚଏସସି ରାସ୍ତା ପାଇଁ ୧ କୋଟି ୪ ଲକ୍ଷ ଓ ୧୧ ନମ୍ବର ଜୋନର ମର୍ଜିତାପୁର ପଞ୍ଚାୟତ ଅଧୀନ ସାଥୁଆପାଟଣା ସାଇ ମନ୍ଦିରଠାରୁ ନୂଆସାହି ଭାୟା ଗାଇଦାଣ୍ଡି ଆରଡ଼ି ରାସ୍ତା ପାଇଁ ୩ କୋଟି ୪ ଲକ୍ଷ, ଅଞ୍ଜିରା ପଞ୍ଚାୟତର ବୁରୁସାହି ରାସ୍ତା ପାଇଁ ୧ କୋଟି ୭ ଲକ୍ଷ, ମୁକୁନ୍ଦପାତ୍ର ଡ଼ିଗ୍ରୀ କଲେଜ ପାଇଁ ୧ କୋଟି ୨୫ ଲକ୍ଷ, କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତିକରଣ ପାଇଁ ୧ କୋଟି ୫ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉପାଧକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ସାଂସଦଙ୍କ ପ୍ରତିନିଧି ଉତ୍କଳମଣି ଦାସ, ଜୋନ ସଂଯୋଜକ ବିକାଶ ଦାସ, ୧୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ସଂଯୋଜକ ପ୍ରହଲ୍ଲାଦ ଲେଙ୍କାଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

## ବ୍ରାଉନସୁଗର୍ ଜବତ; ବ୍ୟବସାୟୀ ଗିରଫ

**ପ୍ରୀତିପୁର, ୨୬।୨(ସମିସ):** ବିଞ୍ଝାରପୁର ଥାନା ଅଞ୍ଚଳରେ ବ୍ରାଉନସୁଗର କାରବାର ଚାଲିଥିବା ନେଇ କିଛିଦିନ ପୂର୍ବରୁ ଚର୍ଚ୍ଚା ଜୋର ଧରିଥିବାବେଳେ ଆଜି ବିଞ୍ଝାରପୁର ପୁଲିସ ଜଣେ ବ୍ରାଉନସୁଗର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୀର୍ଘଦିନ ହେବ ପଡୋଶୀ ଜିଲ୍ଲାରୁ କେତେକ ଅସାମାଜିକ ଯୁବକ ବିଭିନ୍ନ ସ୍ପୋର୍ଟ୍ସ ବାଇକରେ ଆସି ବିଞ୍ଝାରପୁର ଅଞ୍ଚଳରେ ବ୍ରାଉନସୁଗର କାରବାର କରୁଛନ୍ତି। ଏମାନେ ବିଞ୍ଝାରପୁର ଅଞ୍ଚଳର ଏକାଧିକ ବ୍ୟବସାୟୀଙ୍କୁ ବ୍ରାଉନସୁଗର ଯୋଗାଇଥା'ନ୍ତି। ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରେ ଏହାକୁ ବିକ୍ରି କରିଥା'ନ୍ତି। ବିଶେଷ ସୂତ୍ରରୁ ପୁଲିସ ନିକଟରେ ଖବର ପହଞ୍ଚିବା ପରେ ବିଞ୍ଝାରପୁର ଥାନା ଅଧିକାରିଣୀ ଅଂଶୁମାଳା ଦାସ ଏହି ଟିମକୁ ଗିରଫ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ରାତିରେ ପାଟ୍ରୋଲିଂ କରୁଥିବାବେଳେ ଆଇଆଇସି ଶ୍ରୀମତୀ ଦାସ କଏଣା ରଘୁନାଥପୁର ଅଞ୍ଚଳର ମୁଖ୍ୟ ରାସ୍ତାର ଅନତି ଦୂରରେ ଥିବା ଏକ ଇଟାଭାଟି ନିକଟରେ କିଛି ଯୁବକ ମୋବାଇଲ ଆଲୁଅରେ ରୁଣ୍ଡ ହୋଇଥିବା ଦେଖି ପୁଲିସ ଟିମ ସହ ସେଠାରେ ଚଢଉ କରିଥିଲେ। ସେଠାରେ ବ୍ରାଉନସୁଗର ସେବନ ଓ ବିକ୍ରୟ କରାଯାଉଥିବା ଜାଣିବାକୁ ପାଇଥିଲା। ବ୍ରାଉନସୁଗର ବିକ୍ରେତା ରଘୁନାଥପୁର ଗ୍ରାମର କୁଷ ମଲ୍ଲିକଙ୍କ ପୁଅ କୈଳାସ ମଲ୍ଲିକ(୩୭)ଙ୍କୁ ଘଟଣାସ୍ଥଳରୁ ଗିରଫ କରିବା ସହିତ ତା' ନିକଟରୁ ୭.୨୯୦ ଗ୍ରାମ ବ୍ରାଉନସୁଗର ଜବତ ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫୮ ହଜାର ବୋଲି ଜଣାପଡ଼ିଛି।

## ନବବଧୂକୁ ହତ୍ୟା ଅଭିଯୋଗ

**ପ୍ରୀତିପୁର, ୨୬।୨(ସମିସ):** ଯୌତୁକ ପାଇଁ ଜଣେ ନବବଧୂଙ୍କୁ ଶାଶୂଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଇଚ୍ଛାପୁର ଗ୍ରାମର ପଞ୍ଚାନନ ପରିଡ଼ାଙ୍କ ଝିଅ ସୋନାଲି ପରିଡ଼ା(୨୪)ଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଅର୍ଗଳ ଗ୍ରାମର ବେଣୁଧର ସାହୁଙ୍କ ପୁଅ ମନୋଜ ସାହୁଙ୍କ ସହିତ ଗତବର୍ଷ ଜୁନ ୧୧ ତାରିଖ ଦିନ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହ ପରେ ଅଧିକ ଦେଢ ଲକ୍ଷ ଟଙ୍କା ଓ ଏକ ବାଇକ ପାଇଁ ଶାଶୂଘର ଲୋକେ ଦାବି କରି ସୋନାଲିଙ୍କୁ ନିର୍ଯାତନା ଦେଇଆସୁଥିଲେ। ଦାବି ଅନୁଯାୟୀ ଅଧିକ ଟଙ୍କା ଓ ଗାଡି ନ ଆଣୁ ତେବେ ଜୀବନରୁ ମାରିଦେବାକୁ ଧମକ ଦେଇଆସିଥିଲେ। ୨୪ ତାରିଖ ପୂର୍ବାହ୍ନରେ ସୋନାଲିଙ୍କ ଶାଶୂଘର ଲୋକେ ଜଣାଇଥିଲେ ଯେ ତୁମ ଝିଅ ମରିଯାଇଛି। ଏହି ଖବର ପାଇ ପରିବାର ଲୋକେ ଅର୍ଗଳରେ ପହଞ୍ଚି ଝିଅର ମୃତଦେହ ଦେଖିବାକୁ ପାଇଥିଲେ। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ପିଉସା କଳ୍ପତରୁ ସାମଲ ଆଳି ଥାନାରେ ଅଭିଯୋଗ କରିଛନ୍ତି। ଆଳି ପୁଲିସ ଅଭିଯୋଗକୁ ଭିତ୍ତି କରି ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ କରିବା ସହିତ ଏକ ହତ୍ୟା ମାମଲା ରୁଜ କରିଥିବା ଜଣାପଡ଼ିଛି। ମୃତ୍ୟୁ ବେଳକୁ ମୋନାଲି ୭ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଆଳି ପୁଲିସ ମୋନାଲିଙ୍କ ଶାଶୂଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଶଙ୍ଖଚିଲା, ୨୬।୨ (ସମିସ):** କୋରାଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ଗୋଡିପାଟଣାର ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ବାଇଧର ପୋଥାଳଙ୍କ ଆଜି ୧୨ଟା ୧୫ ମିନିଟ୍‌ରେ ପରଲୋକ ଘଟିଛି। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହିଙ୍ଗୁଳା କମିଟି, ଦୁର୍ଗା କମିଟି, କାହ୍ନୁ ଗୋସ୍ୱାମୀ କମିଟି, ଜଗନ୍ନାଥ କମିଟି, ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳୀ କମିଟି, ହିଙ୍ଗୁଳା ୟୁଥ୍ ଅର୍ଗାନାଇଜେସନ୍, ଲକ୍ଷ୍ମୀନାରାୟଣ କମିଟି, ହିଙ୍ଗୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିଶୁ ମନ୍ଦିର, ବଣିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ, ସ୍ଥାନୀୟ ଲୋକପ୍ରତିନିଧି ଶେଷ ଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରିଥିଲେ। ଗାଁ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ମାନସ ପୋଥାଳ ମୁଖାଗ୍ନି ଦେଇଥିଲେ।

# ମହାବୀର କ୍ରିକେଟ୍; କାଏମା ଚାମ୍ପିଅନ୍

**ବ୍ରହ୍ମବରଦା, ୨୬।୨(ସମିସ)**




ରସଲପୁର ବ୍ଲକ ଅତଲାପୁର ପଞ୍ଚାୟତର ବାଲିପାଟଣା ପଞ୍ଚବଟି ଖେଳ ପଡ଼ିଆରେ ଚାଲିଥିବା ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କାଏମା କ୍ରିକେଟ ଟିମ୍ ରମ୍ପେଇ କ୍ରିକେଟ ଟିମକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରଥମେ କାଏମା କ୍ରିକେଟ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଦ୍ୟୁମ୍ନ ସ୍ୱାଇଁ ୨୯, ବିଜୟ କୁମାର ସାହୁ ୪୮ ରନ କରିଥିଲେ। ବିପକ୍ଷ ଦଳ ବୋଲର ବିଶ୍ୱରଞ୍ଜନ ସାହୁ ଓ ଚିତ୍ର ବିକାଶ ନାୟକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ରମ୍ପେଇ କ୍ରିକେଟ ଟିମ ୧୪.୩ ଓଭରରେ ସମସ୍ତ ୱିକେଟ ହରାଇ ୧୩୧ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ମନୁ ରାଉତ ୪୨ ରନ କରିଥିଲେ। ବିପକ୍ଷ ଦଳର ବୋଲର ଇମ୍ରାନ ଖାନ ୪ଟି ୱିକେଟ ଅକ୍ତିଆର କରିଥିଲେ। ଇମ୍ରାନ ଖାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ଶକ୍ତିରଞ୍ଜନ ରୟଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସମ୍ପର୍କ ହସ୍ପିଟାଲର ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହିତ ଓ ନଗଦ ରାଶି ପ୍ରଦାନ କରିଥିଲେ। ଖେଳକୁ ଶ୍ରୀକାନ୍ତ ସାହୁ ଓ ସୁନାକର ସାହୁ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ହେମନ୍ତ କୁମାର ସାହୁ, ଅନୀଲ କୁମାର ସାହୁ, ଭାଷ୍ୟକାର ସନ୍ତୋଷ କୁମାର ପୃଷ୍ଟି, ମାନସ ରଞ୍ଜନ ସାହୁ ସହଯୋଗ କରିଥିଲେ।

ମହାବୀର କ୍ରିକେଟ କ୍ଲବର ମାନସ କୁମାର ସାହୁ, ବିକାଶ କୁମାର ସାହୁ, ସଂଗ୍ରାମ ସାହୁ, ବିପ୍ଳବ ବିନାୟକ ସାହୁ, ଜିତେନ୍ଦ୍ର ମହାରଣା, ଅମିତ ସାହୁ, ସତ୍ୟପ୍ରକାଶ ମଲ୍ଲିକ, ଭୋଳା ସାହୁ, ହୃଷିକେଷ ସାହୁ, ସାଗର ସାହୁ, ପିଣ୍ଟୁ ସାହୁ ସହଯୋଗ କରିଥିଲେ।

## ଶ୍ରୀବିରଜା ସେବା ସମିତିର ବୈଠକ



**ଯାଜପୁର ଟାଉନ, ୨୬।୨(ସମିସ):** ଶ୍ରୀବିରଜା ସେବା ସମିତିର ମାସ ଶେଷ ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ତବ ପାଠ ପରେ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବରେ ସେବା ସମିତି ଦ୍ୱାରା ସମ୍ପାଦିତ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ହୋଇଥିଲା ଓ ତାହା ସନ୍ତୋଷଜନକ ବୋଲି ସଭା ଅନୁଭବ କଲା। ବୈଠକରେ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଏକ ପ୍ରସ୍ତାବ ଦେଇଥିଲେ ଯେ ସମିତି ପକ୍ଷରୁ ଗରିବ ବ୍ରାହ୍ମଣ ପିଲାଙ୍କୁ ବ୍ରତଘର କରାଯାଉ ଓ ସମିତି ସମସ୍ତ ଖର୍ଚ୍ଚ ବହନ କରି ବିରଜା ମନ୍ଦିରେ ବ୍ରତଘର କରୁ। ଏହା ସଭ୍ୟମାନଙ୍କ ମଧ୍ୟରେ ଆଲୋଚନା କରାଗଲା ଓ ପ୍ରସ୍ତାବ ଗୃହିତ ହେଲା ଯେ ଏହା କାର୍ଯ୍ୟକାରୀ କରାଯିବ। ଯେଉଁ ଗରିବ ବ୍ରାହ୍ମଣ ତାଙ୍କ ପିଲାକୁ ସମିତି ମାଧ୍ୟମରେ ବ୍ରତ କରିବାକୁ ଚାହିଁବେ ସେ ମୋବାଇଲ ନଂ. ୮୩୨୮୯୫୧୮୩୮ ବା ୯୮୬୧୨୬୦୭୪୮ରେ ଫୋନ୍ କରି କଥା ହେବେ। ଆଲୋଚନାରେ ଯୁଗ୍ମ ସମ୍ପାଦକ ବୃନ୍ଦାବନ ମିଶ୍ର, କୋଷାଧକ୍ଷ ହରିହର ବେହେରା, ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ, ସଭ୍ୟ ମଧୁସୂଦନ ମହାନ୍ତି, ବସନ୍ତ କୁମାର ଦାଶ, ରାମକୃଷ୍ଣ ବେହୁରିଆ, ଧନଞ୍ଜୟ କେଶରୀ ରାୟ, ଶ୍ରୀକୃଷ୍ଣ ମହାନ୍ତି, ମଳୟ କୁମାର ପଣ୍ଡା, ନିଶିଥ କୁମାର ଦାସ, ଭରତ କୁମାର ସାହୁ, ବିଷ୍ଣୁଚରଣ ଲେଙ୍କା, ସାମ୍ବାଦିକ ଦେବୀପ୍ରସାଦ ପାଣି ଓ ବିରଜାପ୍ରସାଦ ପାଣି, ନୃସିଂହ ଚରଣ ମହାପାତ୍ର, ନିରୂପମା ମହାନ୍ତି ପ୍ରମୁଖ ସଭ୍ୟ ଅଂଶଗ୍ରହଣ କରିଥିଲେ। ସଭ୍ୟ ନୃସିଂହ ଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୩୯ଟି ଅଭିଯୋଗର ତ୍ୱରିତ ସମାଧାନ

ବିଂଝାରପୁର, ୨୬।୨(ସମିସ): ଆଜି ପୂର୍ବାହ୍ନରେ ବିଂଝାରପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଟ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀ, ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦାଶ, ବିଂଝାରପୁର ବିଡିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମଲ୍ଲିକ, ରାସ୍ତା ଓ କୋଠାବାଡ଼ି ଅଧୀକ୍ଷଣ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ଦଳାଇ, ଜଳ ନିଷ୍କାସନ ଅଧୀକ୍ଷଣ ଯନ୍ତ୍ରୀ ଇଂ ଦିଲ୍ଲୀପ ନନ୍ଦନ ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧାଶ୍ୟାମ ବେହେରା, ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ସମବାୟ ସମିତି ସହକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ, ଜିଲ୍ଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସେକ୍ ସଲାଉଦ୍ଦିନ ଖାଁ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଶୁଣାଣିରେ ସହଯୋଗ କରିଥିଲେ। ଏହି ଶିବିରରେ ୩୯ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା।



ଆଜିର ଅଭିଯୋଗ ପ୍ରକୋଷ୍ଠରେ ୬୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୩ଟି ସମୂହ ଅଭିଯୋଗ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ୧୮ଟି ଅଭିଯୋଗ ଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନଜନିତ ୨୦ଟି ଅଭିଯୋଗ ଆସିଥିଲା। ଶିବିରରେ ୩୯ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାର ବରିଷ୍ଠ ପଦାଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ତ୍ୱରିତ୍ ସମାଧାନରେ ସହଯୋଗ ପ୍ରଦାନ କରିଥିଲେ।

# ସୁକିନ୍ଦାରେ କୃଷକ ସମାବେଶ

ସୁକିନ୍ଦା, ୨୬।୨(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋଠାରେ କ୍ଷତିଗ୍ରସ୍ତ ଚାଷୀଙ୍କ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସଂସାଇଲୋ, ନୂଆସାଇ, ଝୁମ୍ପାଣ, ଖରାଖାଇ, ରଙ୍ଗାହୁଡ଼ି, ନୂଆଗାଁ, କମାରଶାଳିଆ, ସିଆରିଆ, ବାଘରାଇସାହି, ଢୋଲପଥର ସମେତ ସୁକିନ୍ଦା ଓ ଦାନଗଦି ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାର ଚାଷୀ ଏକତ୍ରିତ ହୋଇଥିଲେ। କୃଷି କ୍ଷେତ୍ରରେ ନୂତନ ରେଳ ପ୍ରକଳ୍ପ ବନ୍ଦ କରିବା, ଚାଷୀଙ୍କୁ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ କରିବା, ଚାଷୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ, ଚାଷୀଙ୍କ ଜମିର ବନ୍ଦୋବସ୍ତ କରି ପଟ୍ଟା ପ୍ରଦାନ, ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ, ଡୁବୁରୀ ରେଳଷ୍ଟେସନଠାରୁ ପ୍ରସ୍ତାବିତ ରେଳ ମାର୍ଗକୁ ବାତିଲ ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା।



ବିଗତ ଦିନରେ ଏହି ଅଞ୍ଚଳର ଚାଷୀ ରେଳପଥ, ରେଙ୍ଗାଲି ଆଦି ବିଭିନ୍ନ ପ୍ରକଳ୍ପରେ ଜମି ହରାଇଛନ୍ତି। ଯଦି ଏହି ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୁଏ ଅନେକ ଚାଷୀ ସମ୍ପୂର୍ଣ୍ଣ ଜମିଶୂନ୍ୟ ହୋଇଯିବେ। ଡୁବୁରୀ ମୌଜାର ଅନେକ ସ୍ଥାନରେ ପାଉତି କାଟିବା ବନ୍ଦ କରାଯାଇଛି। ଯାହାକୁ ନେଇ ଚାଷୀ ଆରଆଇ ଅଫିସ ସମ୍ମୁଖରେ ଧାରଣା ଦେବାଠାରୁ ଆରମ୍ଭ କରି ତହସିଲଦାର, ଜିଲ୍ଲାପାଳଙ୍କୁ ଗୁହାରି କରିବା ପରେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଗତ ୧୮ ତାରିଖରେ ଚାଷୀଙ୍କ ଏକ ପ୍ରତିନିଧି ଦଳ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ସରକାର ଏହି ଘଟଣାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ସମାବେଶରେ ମତ ପ୍ରକାଶ ପାଇଛି। ଏହି ସମାବେଶରେ ଗିରିଶଚନ୍ଦ୍ର ମହାନ୍ତ, ପୀତବାସ ମହାନ୍ତ, ଅକ୍ଷୟ ମହାନ୍ତ, ବ୍ରଜକିଶୋର ମହାନ୍ତ, ସୁଦର୍ଶନ ମହାନ୍ତ, ସନ୍ଦୀପ୍ତ ମହାନ୍ତ, ଗୁଣବନ୍ତ ମହାନ୍ତ, ଶମ୍ଭୁନାଥ ମହାନ୍ତ, ଭରତ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ଅନୀଲ ମହନ୍ତଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ସୁକିନ୍ଦା, ୨୬।୨(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁରସ୍ଥ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ଦିବ୍ୟାରଞ୍ଜନ ବରାଳ ମୁଖ୍ୟଅତିଥି, ଶିକ୍ଷାବିତ ବାଉରୀବନ୍ଧୁ ରାଉତ, ଯୁବନେତା ଦେବୀପ୍ରସନ୍ନ ମହାନ୍ତି, ସମିତିସଭ୍ୟା ସୋନାଲି ପରିଡ଼ା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଲବଙ୍ଗଲତା ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ଅକ୍ଷୟ କୁମାର ଭୂୟାଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ନିଜକୁ ଜଣେ ଭଲ ମଣିଷ ଭାବେ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ।

## ମା' ବୁଢ଼ୀ ଜାଗୁଲେଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଦଶରଥପୁର/ମଙ୍ଗଳପୁର, ୨୬।୨ (ସମିସ): ଦଶରଥପୁର ବ୍ଲକସ୍ଥ ମଲ୍ଲିକାପୁର ପଞ୍ଚାୟତର ମଲ୍ଲିକାପୁରରେ ମା' ବୁଢ଼ୀ ଜାଗୁଲେଇ କ୍ରିକେଟ୍ କ୍ଲବ୍ ପକ୍ଷରୁ ତୃତୀୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଲ୍ଲିକାପୁର ନୋଡ଼ାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ରଣା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମଲ୍ଲିକାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମଲ୍ଲିକ, ବରିଷ୍ଠ ବିଜେପି ନେତା ସୁବାସ ମହାନ୍ତି, ସବ୍ୟସାଚୀ ଦାସ, ସମାଜସେବୀ ଗୋପାଳ ମହାନ୍ତି, ସୁପ୍ରଭାତ ଶତପଥୀ ଓ ଦିଲ୍ଲୀପ ପାଣି ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମା' ବୁଢ଼ୀ ଜାଗୁଲେଇ କ୍ରିକେଟ କ୍ଲବର ସୌମ୍ୟ ରଞ୍ଜନ ସାମଲ, ମହାପ୍ରସାଦ ମହାପାତ୍ର, ସୌମ୍ୟରଞ୍ଜନ ଜେନା, ଶକ୍ତିକାନ୍ତ ନାୟକ, ଉତ୍କଳ ସାମଲ, ବିଶ୍ୱାସ ଭୂଷଣ ପାଣି, ସ୍ମୃତିରଞ୍ଜନ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ନାୟକ, ପ୍ରିୟବ୍ରତ ନାୟକ ଓ ମୁକ୍ତିକାନ୍ତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

ବଡ଼ଚଣା, ୨୬।୨ (ସମିସ): ପାରମ୍ପରିକ କ୍ରମରେ ଯଜ୍ଞ ଏକ ମହତ ଅନୁଷ୍ଠାନ। ଜୀବ ଜଗତର କଲ୍ୟାଣ ନିମିତ୍ତ ଯଜ୍ଞର ଆବଶ୍ୟକତା ଏକାନ୍ତ କାମ୍ୟ। ଆଜିର ନିମ୍ନଗାମୀ ମାନବ ସମାଜକୁ ଇଷ୍ଟାନୁପ୍ରେମୀ କରିବା ପାଇଁ ଯଜ୍ଞ ଏକ ମାଧ୍ୟମ। ଏ ପରିପେକ୍ଷୀରେ ଧାନମଣ୍ଡଳସ୍ଥ ଧନଘର ଖୋଲ ଜଗନ୍ନାଥ ମନ୍ଦିର ପରିସରରେ ପଞ୍ଚ ଦିନାତ୍ମକ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଙ୍କୁରାରୋପଣ, କଳସାଧିବାସ, ଅଗ୍ନି ସ୍ଥାପନ, ଗୀତା ଯଜ୍ଞ, ନାମଯଜ୍ଞ, ଅଗ୍ନି ଉତ୍ସବ, ଚତୁର୍ଦ୍ଧାମୂର୍ତ୍ତିଙ୍କ ସହସ୍ର ନାମରେ ଆହୂତି, ବିଷ୍ଣୁ ସହସ୍ର ନାମରେ ଆହୂତି, ଗଜୋଧାରଣ ବେଶ, ଅଷ୍ଟପ୍ରହର ନାମ ଯଜ୍ଞ, ଭଜନ କୀର୍ତ୍ତନ, ପ୍ରବଚନ, ପାଲା ପରିବେଷଣ, ପୂର୍ଣ୍ଣାହୁତି, ପ୍ରସାଦ ସେବା ଆଦି ଯଥାବିଧି ସମ୍ପନ୍ନ ହୋଇଛି। ଯାଜ୍ଞିକ ବ୍ରାହ୍ମଣ ସିଦ୍ଧେଶ୍ୱର ପଣ୍ଡା, ସ୍ମୃତିରଞ୍ଜନ ଓତା, ଧୀରେନ୍ଦ୍ର ରଥ, ନାରାୟଣ ଦାସ, ଅନୀଲ ଓତା ଓ କର୍ତ୍ତା ଭାବେ ସହଦେବ ଚମ୍ପତି ଓ କର୍ତ୍ତୀ ଭାବେ କଳାବତୀ ଚମ୍ପତି ଯଜ୍ଞ କାର୍ଯ୍ୟ ଯଥାବିଧି ସମାପନ କରିଥିଲେ।

## ରକ୍ତଦାନ ପାଇଁ ସଚେତନତା କାର୍ଯ୍ୟକ୍ରମ

କବାଟବନ୍ଧ, ୨୬।୨ (ସମିସ): ଧର୍ମଶାଳା ବ୍ଲକ ବୃନ୍ଦାଦେଇପୁରସ୍ଥ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପ୍ରଚେଷ୍ଟାରେ ଆସନ୍ତା ମାର୍ଚ୍ଚ ୩ ତାରିଖରେ କେନ୍ଦ୍ରୀୟ ରେଡ଼କ୍ରସ, କଟକ ଦ୍ୱାରା ବୃନ୍ଦାଦେଇପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ଅବସରରେ ଆଜି ଅନୁଷ୍ଠାନ ପକ୍ଷରୁ ନୂତନ ରକ୍ତଦାତା ସୃଷ୍ଟି କରିବା ଓ ଏହାର ଉପକାରିତା ସମ୍ପର୍କରେ ଜେନାପୁର ଡିଗ୍ରୀ ମହାବିଦ୍ୟାଳୟ ଓ ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ସହିତ ରକ୍ତଦାନ କରିବାକୁ ଆହ୍ୱାନ ଦିଆଯାଇଛି। ଅନୁଷ୍ଠାନ ପକ୍ଷରୁ ସଭାପତି ଡ. ଜୟଦେବ ଶତପଥୀ, ଉପସଭାପତି ନିର୍ମାଲ୍ୟ ପ୍ରଧାନ, ସଦସ୍ୟ ତୀର୍ଥବାସୀ ଦଳାଇ, ରୁଦ୍ରନାରାୟଣ ଓଝା, ତନପ୍ରୀତ ମହାନ୍ତି, ପ୍ରମୋଦ ଦଳାଇ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଛାତ୍ରୀଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନର ଉପାଦେୟତା ଓ ଏହାଦ୍ୱାରା କିଭଳି ସାମାଜିକ ଅବଦାନ ରଖିହେବ ସେ ବିଷୟରେ ଆଲୋକପାତ କରାଯାଇଥିଲା।

## ହିମାଂଶୁ ଜେନା ପାଇଲେ ଲୋକଗଳ୍ପ ଗୌରବ ସମ୍ମାନ



ବାଲିଚନ୍ଦ୍ରପୁର, ୨୬।୨(ସମିସ): କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ଚୁଲି ମୁଣ୍ଡ ଲୋକଗଳ୍ପ ମହୋତ୍ସବ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଶିଷ୍ଟ ଗାଳ୍ପିକ ହିଂମାଶୁ ଭୂଷଣ ଜେନାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଓ ମୟୂର ପୁଚ୍ଛ ଦେଇ ରାଜ୍ୟସ୍ତରୀୟ ଲୋକଗଳ୍ପ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ରାଜ୍ୟସ୍ତରୀୟ ଲୋକଗଳ୍ପ ପଠନ ଓ ଆଲୋଚନାଚକ୍ର ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା। ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ମହୋତ୍ସବକୁ ଉଦ୍‌ଘାଟନ କରି ଲୋକଗଳ୍ପ ସାହିତ୍ୟର ସ୍ପନ୍ଦନ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତ ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଲୋକଗଳ୍ପ ଅଧିକ ଲେଖା ହେଲେ ସାହିତ୍ୟ ସମୃଦ୍ଧ ହେବ ବୋଲି ମତବ୍ୟକ୍ତ କରିଥିଲେ।

ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାଶ ଯୋଗଦେଇ ଲୋକଗଳ୍ପର ଇତିହାସ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଡକ୍ଟର ସୁଲୋଚନା ଦାସ ଲୋକଗଳ୍ପ ପାଠକକୁ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଥାଏ। ମୁଖ୍ୟବକ୍ତା ଡକ୍ଟର କୈଳାସ ଚନ୍ଦ୍ର ତ୍ରିପାଠୀ ଲୋକଗଳ୍ପ ଚରିତ୍ର ପରିବର୍ତ୍ତନର ମାଧ୍ୟମ ବୋଲି ବ୍ୟାଖ୍ୟା କରିଥିଲେ। ସମ୍ମାନିତ ବକ୍ତା ଭାବେ ଇଂ ଅଜୟ ମହାପାତ୍ର, ବିଶିଷ୍ଟ ଗାଳ୍ପିକ ସୁରେନ୍ଦ୍ରନାଥ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡଃ ସ୍ନେହାଶ୍ରୀ ସ୍ୱାଇଁ, ଗାଳ୍ପିକ ଲଳିତେନ୍ଦୁ ପଲାଉରି, ସ୍ତମ୍ଭକାର ଓ ଗାଳ୍ପିକ ଯୋଗଦେଇ ଚୁଲିମୁଣ୍ଡକୁ ନେଇ ସୁନ୍ଦର ଗଳ୍ପର ଅବତାରଣା କରିଥିଲେ। ଡକ୍ଟର କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ 'ଅନୁଚିନ୍ତା ପରିଣତ ବୟସର', ଗାଳ୍ପିକ ଅଜୟ କୁମାର ପଣ୍ଡାଙ୍କ 'ବିନ୍ଧୁଏ କାକର' ଓ ଗଣପତି ସ୍ୱାଇଁଙ୍କ 'ଦିବ୍ୟ ଝଙ୍କାର'ର ଶୁଭ ଉନ୍ମୋଚନ କରାଯାଇଥିଲା। ନୃତ୍ୟଶିଳ୍ପୀ ଜ୍ୟୋତି ପ୍ରଜ୍ଞା ଶାସ୍ତ୍ରୀୟ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ।

## ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ବୈଠକ



ମଙ୍ଗଳପୁର, ୨୬।୨(ସମିସ): ମଙ୍ଗଳପୁର ବଜାରସ୍ଥ ସିଟ୍ କମ୍ପ୍ୟୁଟର ସେଣ୍ଟରରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସମ୍ପାଦକ ସତ୍ୟରଞ୍ଜନ ସାହୁ, ସଭ୍ୟ ସୀତାଂଶୁ ଶେଖର ଯେନା, ମନୋରଞ୍ଜନ ମଲ୍ଲିକ, ସରୋଜ ପଣ୍ଡା, ସଞ୍ଜୟ ରାୟ ପ୍ରମୁଖ ଯୋଗଦେଇ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିବା ସହ ସଂଘର ଏକତାକୁ ଗୁରୁତ୍ୱ ଦେବାପାଇଁ ମୁଖ୍ୟତ ଆଲୋଚନା କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସାମ୍ବାଦିକ ରାକେଶ କୁମାର ସାହୁ ଉତ୍କଳ ସାମ୍ବାଦିକ ସଂଘରେ ଯୋଗ ଦେଇଥିଲେ। ରାକେଶ କୁମାର ସାହୁ ଉତ୍କଳ ସାମ୍ବାଦିକ ସଂଘରେ ଯୋଗଦେବା ପରେ ସଂଘ ପକ୍ଷରୁ ରାକେଶ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାକେଶ କୁମାର ସାହୁ ଉତ୍କଳ ସାମ୍ବାଦିକ ସଂଘରେ ଯୋଗଦେବା ପରେ ସଂଘର ନିୟମ ମାନି କାର୍ଯ୍ୟ କରିବେ ବୋଲି କହିବା ସହ ସଂଘର ଜିଲ୍ଲା ସଭାପତି ହରିହର ସ୍ୱାଇଁ ଓ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଦଶରଥପୁର ବ୍ଲକରେ ଗଡ଼ିଲା ଲକ୍ଷ୍ମୀ ବସ୍



କୟାଁଗୋଲା, ୨୬।୨(ସମିସ): ଦଶରଥପୁର ବ୍ଲକରେ ଲକ୍ଷ୍ମୀ ବସ୍ ଚାଲିବା ଆରମ୍ଭ ହୋଇଛି। ଦୂରଦୂରାନ୍ତ ପଞ୍ଚାୟତରୁ ବ୍ଲକକୁ ଆସୁଥିବା ସାଧାରଣ ଲୋକଙ୍କ ପାଇଁ ଏହି ବ୍ଲକରେ ୩ଟି ଲକ୍ଷ୍ମୀ ବସ ଚାଲିବାର ଯୋଜନା ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ବସ୍ ଚାଲିଛି। ଏହି ବସ୍‌ଟି କୟାଁ ପଞ୍ଚାୟତର କୟାଁଗୋଲା ଛକରୁ ବାହାରି କମାରଡିଅ, ଦୁବକଣ, ଲାଲବାଗ, ଖାନନଗର, ଥାଲୁକୁଡ଼ି, ମଙ୍ଗଳପୁର ବଜାର ଦେଇ ବୋଉଲାଙ୍ଗ, କାଟିଆ ଦେଇ ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚୁଛି। ଏହି ବସ୍ ଚାଲିବା ଦ୍ୱାରା ୮ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଛନ୍ତି।

## ସିଆଇଟିୟୁ ନେତା ଲମ୍ବୋଧର ନାୟକଙ୍କ ଶୋକସଭା



ବ୍ୟାସନଗର, ୨୬।୨(ସମିସ): ଓଡ଼ିଶାର ସିପିଆଇଏମର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ସିଆଇଟିୟୁର ପୂର୍ବତନ ସମ୍ପାଦକ କମ୍ରେଡ ଲମ୍ବୋଧର ନାୟକଙ୍କ ବିୟୋଗରେ ସ୍ଥାନୀୟ ଆଇଏନଟିୟୁସି ଜିଲ୍ଲା କାର୍ଯ୍ୟାଳୟରେ ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପ୍ରଥମେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ସ୍ୱର୍ଗତ ନାୟକଙ୍କ ବିୟୋଗରେ ୨ ମିନିଟ ଶୋକ ପ୍ରସ୍ତାବ ରଖିବା ସହ ତାଙ୍କ ଛାତ୍ର ଜୀବନରୁ ଆରମ୍ଭ କରିଥିବା ବାମପନ୍ଥୀ ଆଦର୍ଶକୁ ବ୍ରତ କରି ଖଣି ଖାଦାନ ଓ ଶିଳ୍ପ ଶ୍ରମିକଙ୍କୁ ଏକତ୍ରିତ କରିବା ସହିତ ରାଜ୍ୟରେ ଶ୍ରମିକ ସଂଗଠନ ଶକ୍ତିଶାଳୀ କରିବାରେ ତାଙ୍କର ଦାନ ଅତୁଳନୀୟ ବୋଲି ଶ୍ରୀ ନାୟକ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ରାଉତ ଗୁରୁଚରଣ ମହାନ୍ତି ଅଭିମନ୍ୟୁ ଦାସ ବିଦ୍ୟାଧର ଯେନା ସୁଦର୍ଶନ ତରାଇ ଓ ରାକେଶ କୁମାର ପ୍ରମୁଖ ସ୍ୱର୍ଗତ ଲମ୍ବୋଧର ନାୟକଙ୍କ ସ୍ମୃତିଚାରଣ କରିଥିଲେ।

## ବ୍ରହ୍ମବରଦା ଇଂଲିଶ ମିଡିଅମ ସ୍କୁଲର ବାର୍ଷିକୋତ୍ସବ

ବ୍ରହ୍ମବରଦା, ୨୬।୨( ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଇସ୍ତତମା ପଡ଼ିଆ ନିକଟରେ ଥିବା ବ୍ରହ୍ମବରଦା ଇଂଲିଶ ମିଡିଅମ ସ୍କୁଲର ୧୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଏମ୍‌ଡି ସେକ୍ ଇଜାଜ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରୀ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ର ଜୀବନରେ ଶିକ୍ଷାର ଗୁରୁତ୍ୱ, ମାନ ଓ ଶିକ୍ଷା କିପରି ମଣିଷ ଜୀବନର ଏକ ମୂଲ୍ୟବାନ ଅଙ୍ଗ ସଦୃଶ ସେ ବିଷୟରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସମ୍ବନ୍ଧୀୟ ଟିପ୍ପଣୀ ଦେବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ଓଲିଉଡ ଓ ବଲିଉଡର କୋରିଓଗ୍ରାଫର ଆଜାଦ ଖାଁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିସହିତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିବାବେଳେ ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



## ଶିଳ୍ପୀ ଗ୍ରାମ ଶୁଖୁଆପଡ଼ା ଗ୍ରାମ୍ୟ ରାସ୍ତା

# ନିମ୍ନମାନର କାମ, କେଇଟା ଦିନରେ ଫାଟି ଆଁ'

ବାଲିଚନ୍ଦ୍ରପୁର, ୨୬।୨(ସମିସ): ପ୍ରସ୍ତର ଶିଳ୍ପୀ ଗ୍ରାମ ଭାବେ ପରିଚିତ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଶୁଖୁଆପଡ଼ା ଗ୍ରାମ ରାସ୍ତା ନିର୍ମାଣର ମାତ୍ର କେଇଟା ଦିନରେ ଫାଟି ଆଁ କରିଥିବାବେଳେ ରାସ୍ତାର କେତେକ ସ୍ଥାନରେ କଂକ୍ରିଟ ଉଠିଯାଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର କାମ ହେତୁ ଏଭଳି ହୋଇଥିବା କୁହାଯାଉଛି। ଏ ନେଇ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

ସୂଚନା ମୁତାବକ, ଶୁଖୁଆପଡ଼ା ଗ୍ରାମରେ ୪୦୦ରୁ ଅଧିକ ପରିବାର ରହିଥିବାବେଳେ ଏମାନଙ୍କ ମଧ୍ୟରୁ ଅଧିକାଂଶ ପରିବାରରେ ପ୍ରସ୍ତର ଶିଳ୍ପୀ କାରିଗର ଅଛନ୍ତି। ଏହି ଗ୍ରାମକୁ ସରକାର ଶିଳ୍ପୀ ଗ୍ରାମର ମାନ୍ୟତା ଦେବାକୁ ଘୋଷଣା ମଧ୍ୟ କରିଛନ୍ତି। ଗ୍ରାମ ଭିତରକୁ ଭଲ ରାସ୍ତା ନ ଥିବାରୁ ସରକାର ପ୍ରଥମେ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ ୫୩ନଂ ଜାତୀୟ ରାଜପଥର ବନ୍ଦରେଶ୍ୱର ଛକଠାରୁ ଗ୍ରାମର ଶେଷ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ୫କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତେବେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମାନମାନିରେ ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ନିର୍ମାଣ ଶେଷର ମାତ୍ର କେଇଟା ଦିନରେ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଏହି ଗ୍ରାମର ବିଦ୍ୟାଳୟ ନିକଟରେ ରାସ୍ତା ଦବିଯିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ସେହିପରି ଗ୍ରାମର ଶେଷ ମୁଣ୍ଡ ପର୍ଯ୍ୟନ୍ତ ରାସ୍ତ ନିର୍ମାଣ କାର୍ଯ୍ୟ କରା ନ ଯାଇ ଅଧାପନ୍ତରିଆ ଭାବେ ରହିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୨୪ ତାରିଖ ଦିନ ଓରମାସର କେତେକ ଅଧିକାରୀ ଏହି ଗ୍ରାମ ପରିଦର୍ଶନରେ ଆସି ପ୍ରସ୍ତର ଶିଳ୍ପୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ପ୍ରସ୍ତର ଶିଳ୍ପୀ ନିମ୍ନମାନର ଏହି ରାସ୍ତା ନିର୍ମାଣ ସମ୍ପର୍କରେ ଓରମାସ ଅଧିକାରୀଙ୍କୁ ଦେଖାଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଓରମାସ ଅଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା କେତେକ ଗ୍ରାମବାସୀ ସୂଚନା ଦେଇଛନ୍ତି।

## ● ମା'କାଳୀ ଗୋଷ୍ଠୀ କେନ୍ଦ୍ର ନିର୍ମାଣ

# ଅବଧି ଶେଷ ପରେ ବି ହୋଇନି କାର୍ଯ୍ୟାରମ୍ଭ

କାଳିଆପାଣି, ୨୬।୨(ସମିସ): ଖଣି ଅଞ୍ଚଳରେ ସୁକିନ୍ଦା ପଞ୍ଚାୟତ ସମିତି ଅଧୀନରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଅବହେଳିତ ହୋଇ ରହିଛି। ଜନକଲ୍ୟାଣ ଯୋଜନାକୁ ବିଭାଗୀୟ ଅଧିକାରୀ ସଠିକ ରୂପେ ସମ୍ପାଦନ କରିବାକୁ ପସନ୍ଦ କରୁନାହାନ୍ତି। ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି କାଳିଆପାଣି ପଞ୍ଚାୟତ ଅନ୍ତର୍ଗତ ବିର୍ସା ନଗର ବସ୍ତିରେ। ବିର୍ସାନଗରସ୍ଥ କାଳୀ ମନ୍ଦିର ପ୍ରାଙ୍ଗଣରେ ମା'କାଳୀ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଫଳକ ଦୁଇମାସ ପୂର୍ବରୁ ଲଗାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ ଏହାକୁ ପଞ୍ଚାୟତ ସମିତି (ସୁକିନ୍ଦା) ବିଭାଗ ପକ୍ଷରୁ ନିର୍ମାଣ କରିବାକୁ ତିନିମାସ ଅର୍ଥାତ ଚଳିତ ଫେବୃଆରୀ ମାସ ମଧ୍ୟରେ ଶେଷ କରାଯିବ। ଯଦିଓ ଏହା ଗତବର୍ଷ ନଭେମ୍ବର ୨୦୨୩ ରୁ କାର୍ଯ୍ୟ ଆରମ୍ଭ ହୋଇ ୩ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ସେଠାରେ ମାଟି ଗାଣ୍ଡୁଏ ବି ପଡ଼ି ନ ଥିବା ଦେଖାଯାଉଛି। ଯଦି ଏହାକୁ କେହି ଠିକାଦାର କରିଥା'ନ୍ତେ ତେବେ ଏହା ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ଶେଷ ହୋଇଯିବା କଥା। ଯେହେତୁ ଏହା ବିଭାଗୀୟ ଅଧିକାରୀ ଏଥିପ୍ରତି ଅବହେଳା କରିଛନ୍ତି, ତେଣୁ ଏହାର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ। ଏହା କାହିଁକି ହୋଇପାରିନାହିଁ ତାହା କେବଳ ସେହି ବିଭାଗୀୟ ଅଧିକାରୀ ହିଁ କହିପାରିବେ। ଏହା ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



